

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୪ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 September 2026

Vol.No. 36 ■ No.232 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ଦସ୍ତଖାଣ୍ଡ ସାହୀ, ବାଲେଶ୍ୱର

website : sagarika.in.net


# ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ଆତ୍ମବିଶ୍ୱାସ ଓ ନୂତନ ସୁଯୋଗର ଉତ୍ସ ହୋଇଛି: ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୩/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭରଙ୍କ ସହିତ ବ୍ୟାପକ ଆଲୋଚନା କରିବା ସମୟରେ ସଦ୍ୟତମ ତ୍ରୈମାସିକରେ ଭାରତର ୭.୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧିକୁ ଆଲୋକପାତ କରି କହିଛନ୍ତି ଯେ, ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ଆତ୍ମବିଶ୍ୱାସ ଓ ନୂତନ ସୁଯୋଗର ଉତ୍ସ ପାଲଟିଛି। ଡି ୱେଭରଙ୍କ ସହିତ ସାକ୍ଷାତ ପରେ ମୋଦୀ କହିଛନ୍ତି ଯେ, ବିଶ୍ୱ ଅନିଶ୍ଚିତତା, ଦ୍ୱନ୍ଦ୍ୱ ଓ ଖାଦ୍ୟ, ଇନ୍ଧନ ଓ ଯୋଗାଣ ଶୃଙ୍ଖଳରେ ବାଧା ସତ୍ତ୍ୱେ ଭାରତର ଅର୍ଥନୀତି ଏହାର ଗତି ବଜାୟ ରଖିଛି। ଭାରତ ଓ ବେଲଜିୟମ ବାଣିଜ୍ୟ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱଚ୍ଛ ଶକ୍ତି ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବିସ୍ତାର କରିବାକୁ ରାଜି ହୋଇଥିବାବେଳେ ମୋଦୀଙ୍କ ଏହି ମନ୍ତବ୍ୟ ଆସିଛି। ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ଦ୍ୱିପାକ୍ଷିକ ସମ୍ପର୍କର 'ମୁଖ୍ୟ ସ୍ତମ୍ଭ' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, ଦୁଇ ଦେଶ ସାମରିକ ଆଦାନପ୍ରଦାନ ଏବଂ ତାଲିମ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେ କହିଛନ୍ତି ଯେ, ସରକାର ଓ ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ଚୁକ୍ତିନାମା ପ୍ରତିରକ୍ଷା ସହ-ବିକାଶ ଓ ସହ-ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବ। ଭାରତ ଓ ବେଲଜିୟମ୍ ଆସନ୍ତା ୫ ବର୍ଷରେ ଦ୍ୱିପାକ୍ଷିକ କାରବାରକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଛନ୍ତି।

# କକ୍ରୋଚ ଜନତା ପାର୍ଟି ଦି' ଫାଳ: ବିଦ୍ରୋହୀ ଗଠନ କଲେ ସିଜେପି-ଡି




ନୂଆଦିଲ୍ଲୀ,୩/୯ : ଅଭିଜିତ ଦୀପକେଙ୍କ ନେତୃତ୍ୱାଧୀନ କକ୍ରୋଚ ଜନତା ପାର୍ଟି (ସିଜେପି) ଦୁଇ ଫାଳ। ସିଜେପି ସହ ଥିବା ଗୋଟିଏ ଗୋଷ୍ଠୀ ଏବେ ଗଠନ କରିଛନ୍ତି ନୂଆ ସାମ୍ମୁଖ୍ୟ। ସିଜେପିରୁ ଅଲଗା ହୋଇଥିବା ମନୀଷ ବ୍ରହ୍ମଭଟ୍ଟ ଆଜି ବିଧିବଦ୍ଧ ଭାବେ କକ୍ରୋଚ ଜନତା ପାର୍ଟି-ଡେମୋକ୍ରାଟିକ(ସିଜେପି-ଡି)ର ମୂଳଦୁଆ ପକାଇଛନ୍ତି। ସେ ସିଜେପି-ଡିର ଲଞ୍ଚ କରି ସିଜେପି ପ୍ରତିଷ୍ଠାତା ଦୀପକେଙ୍କ ଉପରେ ବର୍ଷିଛନ୍ତି। ଦୀପକେ ଏବେ ପ୍ରକୃତ ବିକ୍ଷୋଭକାରୀଙ୍କୁ ସାଇଡ କରି ଦେଇଛନ୍ତି ଓ ଯୁବଗୋଷ୍ଠୀ ନେତୃତ୍ୱାଧୀନ ବିପ୍ଳବକୁ ନିଜ ହାସବାରିସ ଭାବେ ବ୍ୟବହାର କରୁଛନ୍ତି। ଏବେ ଅଭିଜିତ ଦୀପକେ 'ଟିମ କେଜ୍ରିୱାଲ' ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବା କଥା ଯେ ପୂର୍ବରୁ ଆମ ଆଦମୀ ପାର୍ଟି ବା ଆପ୍ ସହ ଜଡ଼ିତ ଥିବା ଲୋକ ସିଜେପିରେ ନିଜର ଦବଦବା ଜାହିରି କରୁଛନ୍ତି। କେବଳ ବିଜେପିକୁ ବିରୋଧ କରିବା ହିଁ ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଅଗଷ୍ଟ ମାସ ଆରମ୍ଭରେ ମନୀଷ ବ୍ରହ୍ମଭଟ୍ଟ ଗୁଜରାଟରୁ ଛତ୍ରପତି ସମ୍ଭାଜୀନଗରକୁ ଯାଇଥିଲେ। ସେଠାରେ ଥିବା ଦୀପକେଙ୍କ ଘରେ ସିଜେପି କୋର ଟିମ ବୈଠକ ହେଉଥିବା ଜାଣି ସେ ଏପରି ପଦକ୍ଷେପ ନେଇଥିଲେ। ଯନ୍ତରମନ୍ତର ବିକ୍ଷୋଭରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବାଦ ଦିଆଯାଇ ଦୀପକେ ବୈଠକ କରୁଥିବାରୁ ବ୍ରହ୍ମଭଟ୍ଟ ଓ ତାଙ୍କ ସହଯୋଗୀ ରାହୁଲ ପାଣ୍ଡ୍ୟା ସେହି ସ୍ଥାନରେ ହିଁ ପ୍ରତିବାଦ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଉଭୟଙ୍କ ଅବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହି ସମୟରେ ବ୍ରହ୍ମଭଟ୍ଟ ସିଜେପିର ଜଣେ କର୍ମୀ ବୋଲି ଜଣାପଡ଼ିଥିଲା। ଗୁରୁବାର ବ୍ରହ୍ମଭଟ୍ଟ ବିଧିବଦ୍ଧ ଭାବେ ଦିଲ୍ଲୀରେ ସିଜେପି-ଡିର ଲଞ୍ଚ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଅରବିନ୍ଦ କେଜ୍ରିୱାଲ ଓ ଆପର ରାଜନୀତିକ ସ୍ୱାର୍ଥ କଥା ଚିନ୍ତା କରୁଥିବା ଲୋକମାନେ ସିଜେପି ପ୍ରକୃତ ବିପ୍ଳବକୁ ହାଇଜ୍ୟାକ କରି ନେଇଛନ୍ତି। ସେ କହିଛନ୍ତି, "ଆଜି ଆମେ କକ୍ରୋଚ ଜନତା ପାର୍ଟି-ଡେମୋକ୍ରାଟିକ ଲଞ୍ଚ କରୁଛୁ। ଏପରି ଲଞ୍ଚ ପଛରେ କାରଣ ମଧ୍ୟ ରହିଛି। ପ୍ରକୃତ କକ୍ରୋଚ ଜନତା ପାର୍ଟି ଟିମ ଯାହା ଲୋକଙ୍କ ରକ୍ତ ଓ ଝାଳରେ ସୃଷ୍ଟି ହୋଇଥିବା ବିପ୍ଳବରୁ ସୃଷ୍ଟି ହୋଇଥିଲା। ◆◆ପୃଷ୍ଠା ୭

## ମହଙ୍ଗା ହେଉଛି ଅଣ୍ଡା: ୧୫ ଟଙ୍କା ଛୁଇଁବା ଆଶଙ୍କା

ଭୁବନେଶ୍ୱର, ୩/୯ (ନି.ପ୍ର): ସ୍କୁଲର ମଧ୍ୟାହ୍ନ ଭୋଜନ ହେଉ କି ଘରୋଇ ରୋଷେଇ, ସବୁଠି ଅଣ୍ଡାର ଚାହିଦା ରହିଛି। ହେଲେ ଏବେ ଅଣ୍ଡା ଦର ବଢ଼ିବାରେ ଲାଗିଛି । ବଜାରରେ ଗୋଟିଏ ଅଣ୍ଡାର ଦାମ ୮ରୁ ୯ ଟଙ୍କାରେ ପହଞ୍ଚିଥିବାବେଳେ ଆଗକୁ ଏହା ୧୫ ଟଙ୍କା ଛୁଇଁପାରେ ବୋଲି ଆଶଙ୍କା କରାଯାଉଛି । ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ବଢ଼ିଛି । ତେବେ ହଠାତ୍ କାହିଁକି ବଢୁଛି ଅଣ୍ଡା ଦର ? ବଜାର ବିଶେଷଜ୍ଞଙ୍କ ମତରେ, କୁକୁଡ଼ା ଖାଦ୍ୟରେ ବ୍ୟବହୃତ ମକା ଦର ବଢ଼ିବା ଏହାର ଏକ ପ୍ରମୁଖ କାରଣ । ମକାର ବ୍ୟବହାର ଇଥାନଲ୍ ଉତ୍ପାଦନରେ ବଢ଼ିଥିବାରୁ ଏହାର ଦାମ୍ ଉପରମୁହାଁ ହୋଇଛି । ଫଳରେ କୁକୁଡ଼ା ଖାଦ୍ୟ ମହଙ୍ଗା ହେବା ସହ ଅଣ୍ଡା ଦର ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଅନ୍ୟପଟେ, ଅଣ୍ଡା ଦର ବୃଦ୍ଧିକୁ ନେଇ ଭିନ୍ନ କାରଣ ଦର୍ଶାଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ । ମନ୍ତ୍ରୀଙ୍କ କହିବାନୁସାରେ, ରାଜ୍ୟରେ ଅଣ୍ଡାର ଚାହିଦା ଅଧିକ ରହିଛି। ଏହା ସହ ଓଡ଼ିଶାରୁ ବାହାର ରାଜ୍ୟକୁ ମଧ୍ୟ ଅଣ୍ଡା ରପ୍ତାନୀ ହେଉଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ପ୍ରାୟ ୧ କୋଟି ୨୫ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି । ଅଣ୍ଡା ଉତ୍ପାଦନ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଦୈନିକ ଅଣ୍ଡା ଉତ୍ପାଦନକୁ ୨ କୋଟିରେ ପହଞ୍ଚାଇବା ପାଇଁ କୁକୁଡ଼ା ଚାଷୀଙ୍କୁ ବିଭିନ୍ନ ପ୍ରୋତ୍ସାହନ ଦିଆଯାଉଛି। ଉତ୍ପାଦନ ବଢ଼ିଲେ ଆଗାମୀ ଦିନରେ ଅଣ୍ଡା ଦରରେ ମଧ୍ୟ ହ୍ରାସ ଘଟିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସେପଟେ, ଚଳିତ ବର୍ଷ ବନ୍ୟା ଯୋଗୁଁ କେତେକ କୁକୁଡ଼ା ଫାର୍ମ ପ୍ରଭାବିତ ହେବା ସହ କିଛି ଫାର୍ମ ନଷ୍ଟ ହୋଇଥିବାରୁ ଏହାର ପ୍ରଭାବ ମଧ୍ୟ ଅଣ୍ଡା ଦର ଉପରେ ପଡ଼ିଛି । ତେବେ ପରିସ୍ଥିତି ଧୀରେ ଧୀରେ ସୁଧୁରିବା ସହ ଅଣ୍ଡା ଦର କମିବ ବୋଲି ଆଶା କରାଯାଉଛି । କେବଳ ଅଣ୍ଡା ନୁହେଁ, ବଜାରରେ ଚିକେନ୍ ଦର ମଧ୍ୟ ବଢ଼ିଛି । ଏବେ ପ୍ରଶ୍ନ ହେଉଛି, ଉତ୍ପାଦନ ବଢ଼ାଇବା ପାଇଁ ସରକାରଙ୍କ ପଦକ୍ଷେପ କେବେ ଫଳ ଦେବ ? କେବେ ଗ୍ରାହକଙ୍କୁ ମିଳିବ ଶସ୍ତା ଅଣ୍ଡା ଓ ଚିକେନ୍? ଏହା ଉପରେ ଏବେ ସମସ୍ତଙ୍କ ନଜର ।

# ୪୧ ଲକ୍ଷରୁ ଅଧିକ କୃଷକ ପରିବାରକୁ ମିଳିବ ସିଏମ୍ କିସାନର ପଞ୍ଚମ କିସ୍ତି



ଭୁବନେଶ୍ୱର, ୩/୯ (ନି.ପ୍ର): କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସିଏମ୍ କିସାନ୍ (ରବି ୨୦୨୬-୨୭) ଯୋଜନାର ଆର୍ଥିକ ସହାୟତା ଆସନ୍ତାକାଲି ପ୍ରଦାନ କରାଯିବ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ କରିବେ। ରାଜ୍ୟର ୪୧ ଲକ୍ଷରୁ ଅଧିକ କ୍ଷୁଦ୍ର, ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ (ପିଭିଟିଜି) ଏବଂ ଭୂମିହୀନ କୃଷକ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ମୋଟ ୮୩୩ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାରଙ୍କ ଅନ୍ୟ ମନ୍ତ୍ରୀଗଣ ଯୋଗଦେଇ ସିଏମ୍ କିସାନ କିସ୍ତି ହିତାଧିକାରୀମାନଙ୍କୁ ପ୍ରଦାନ କରିବେ।

# ଟଙ୍କା ପାଇଁ କାମ କରୁ ନଥିଲେ: କାର ଭିତରେ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ



ଭୁବନେଶ୍ୱର, ୩/୯ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁରର ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର/ଡ୍ରଗ୍ ଇନ୍ସପେକ୍ଟର ତଥା ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ହାଁସଦା। ପାରାଦୀପ-କଟକ ୫୩ ନମ୍ବର ଜାତୀୟ ରାଜପଥରେ ଜୟପୁର ଛକ ନିକଟରେ ଜଣେ ଆବେଦନକାରୀଙ୍କଠାରୁ ସେ ୬୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ଆବେଦନକାରୀଙ୍କ ଆବେଦନକୁ ଭୁବନେଶ୍ୱରସ୍ଥିତ ଡ୍ରଗ୍ କଣ୍ଟ୍ରୋଲରଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ସୁପାରିସ କରି ପଠାଇବା ଏବଂ ହୋଲସେଲ୍ ଔଷଧ ଲାଇସେନ୍ସ ଜାରି ପାଇଁ ସୁପାରିସ କରିବା ବାବଦରେ ସେ ତାଙ୍କୁ ୬,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଆଉ ସେହି ଲାଞ୍ଚ ଅର୍ଥ ନେଲା ବେଳେ ଧରାପଡ଼ିଥିଲେ। ଅଭିଯୋଗକାରୀ ତାଙ୍କ ହୋଲସେଲ୍ ଔଷଧ ଦୋକାନ ପାଇଁ ଡ୍ରଗ୍ ଲାଇସେନ୍ସ ନିମନ୍ତେ ୨୦୨୫ ମେ' ୧୧ ତାରିଖରେ ଆବେଦନ କରିଥିଲେ। ଏ ସମ୍ପର୍କରେ ସେ ଜଗତସିଂହପୁରର ସହକାରୀ ଡ୍ରଗ୍ କଣ୍ଟ୍ରୋଲର/ଡ୍ରଗ୍ ଇନ୍ସପେକ୍ଟର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ସଞ୍ଜୟ କୁମାର ହାଁସଦାଙ୍କୁ ଅନେକ ଥର ଭେଟିଥିଲେ। ତେବେ ଶ୍ରୀ ହାଁସଦା ତାଙ୍କ ଆବେଦନ ପ୍ରତି କୌଣସି ଧ୍ୟାନ ନଦେଇ ୬,୦୦୦ ଲାଞ୍ଚ ଟଙ୍କା ନେଇ ଆସିବାକୁ କହୁଥିଲେ। ଲାଞ୍ଚ ପାଇଁ ବାରମ୍ବାର ହଇରାଣ ହେବା ପରେ ଅଭିଯୋଗକାରୀ ଏନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଯୋଜନା ପ୍ରକାରେ ଆଜି ଅଭିଯୋଗକାରୀ ଲାଞ୍ଚ ଟଙ୍କା ଦେବା ପାଇଁ ଶ୍ରୀ ହାଁସଦାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

## ଜଗତପୁରରେ ଏକ କ୍ଷୀର ଉତ୍ପାଦନ କାରଖାନାରେ ଭୟାବହ ଅଗ୍ନିକାଣ୍ଡ: ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ

କଟକ, ୩/୯ (ନି.ପ୍ର): କଟକ ଜିଲ୍ଲା ଜଗତପୁରରେ ଥିବା ପ୍ରଗତି ମିଲ୍କର ୟୁନିଟ୍-୨ରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳରେ ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ ବ୍ୟାପକ ଉଦ୍ୟମ ଜାରି ରହିଛି। ସୂଚନା ଅନୁଯାୟୀ, ନିଆଁ ଲାଗିଥିବାର ଖବର ମିଳିବା ପରେ ପ୍ରଥମେ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ଅଗ୍ନିଶମ ଷ୍ଟେସନରୁ ଆଉ ଗୋଟିଏ ଟିମ୍ ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଛନ୍ତି । କଳ ଗାଡ଼ିର ୩୫ ଜଣ କର୍ମଚାରୀ ନିଆଁ ଲିଭାଉଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ କ୍ଷୀର ଉତ୍ପାଦନ କାରଖାନାର ଲହୁଣୀ ଗୋଦାମରେ ସକାଳ ପ୍ରାୟ ୭ଟାରେ ନିଆଁ ଲାଗିଯାଇଥିଲା । ତେବେ ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ ।

# ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା: ତୃତୀୟ ଦିନରେ ମଧ୍ୟ ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

## ବନ୍ୟାର ତିନି ଦିନ ପରେ ବିପନ୍ନଙ୍କ ପାଖରେ ପହଞ୍ଚିଲା ଖାଦ୍ୟ

## ୧୦ ପଞ୍ଚାୟତର ୫୦ ହଜାର ପ୍ରଭାବିତ



ବାଲିଆପାଳ , ୩/୯ (ନି.ପ୍ର): ସୁବର୍ଣ୍ଣରେଖାରେ ଚଳିତ ବର୍ଷ ତୃତୀୟ ଥର ବନ୍ୟା ଆସିଛି। ହେଲେ ଆଜି ତୃତୀୟ ଦିନରେ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା। ଜଳସ୍ତର କମିଥିଲେ ମଧ୍ୟ ଲୋକଙ୍କର ଦୁର୍ଦ୍ଦଶା କମିନାହିଁ। ପ୍ରଶାସନ ସମସ୍ତ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ମଧ୍ୟ ତହା ସମ୍ଭବ ହୋଇପାରି ନାହିଁ। ବିଶେଷ କରି ଅସ୍ତି, ବାଲିଆପାଳ, ବିଷ୍ଣୁପୁର ଜାମକୁଣ୍ଡା ପ୍ରଭୃତି ପଞ୍ଚାୟତର ଜନସାଧାରଣ ବହୁ ଅଧିକ ପରିମାଣରେ ପ୍ରଭାବିତ ହୋଇଛନ୍ତି ।ଅସ୍ତି ପଞ୍ଚାୟତର କଣ୍ଠାବଣି ଗ୍ରାମର ୧୦ ପରିବାର ଦୁଇ ଦିନ ଛୋଟ ଛୋଟ ପିଲା ମାନଙ୍କୁ ଧରି ଭୋକ ଉପାସରେ ରହିଥିଲାବେଳେ ଆଜି ତୃତୀୟ ଦିନ ଅପରାହ୍ନରେ ପ୍ରଶାସନ ପହଞ୍ଚି ରନ୍ଧା ଖାଦ୍ୟ ଯୋଗାଇ ଦେଇଥିବା ସୂଚନା ମିଳିଛି। ସେହିପରି ସୂର୍ଯ୍ୟାପୁର ଗ୍ରାମର ଯାଦବ ସାହିର ୧୦ ପରିବାର ନାନା ଦୁର୍ଦ୍ଦଶାରେ ରହି ଥିବା ଜଣାପଡିଛି। ଅସ୍ତି ପଞ୍ଚାୟତର ପାଳଚମ୍ପେଇ, ସରଦ୍ଦାରସାହି,ଚଡ ବଢାପାଳ,ବଢାପାଳ ମଳିଆ ପ୍ରଭୃତି ଗ୍ରାମର ଶତାଧିକ ଘରେ ବନ୍ୟା ଜଳ ପଶିଛି। ବିଷ୍ଣୁପୁର ପଞ୍ଚାୟତରରସଲପୁର, ନୟାବାଲି ଓ ରାଉତୁରାପୁର ଗ୍ରାମର ବନ୍ୟା ସ୍ଥିତି ଅତି ସଙ୍ଗୀନ ସ୍ଥିତିରେ ପହଞ୍ଚିଛି। ସେହିପରି ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଚଡ କୁଦମାନସିଂ ଓ ସୁଙ୍ଗମୁହଁ ପ୍ରଭୃତି ଗ୍ରାମରେ ବନ୍ୟା ପରିସ୍ଥିତି ଜନ ଜୀବନକୁ ଦୁର୍ବିସହ କରିପକାଇଛି। ଯାତାୟାତ ପାଇଁ ପାୱାର ବୋଟ ଯୋଗାଇ ◆◆ପୃଷ୍ଠା ୭

# ଟ୍ରମ୍ପଙ୍କୁ ପୁଣି କୋର୍ଟ ଝଟକା: ଜନ୍ମଗତ ନାଗରିକତା ଉପରେ ନୂଆ ଆଦେଶକୁ ରୋକ୍



ନୂଆଦିଲ୍ଲୀ,୩/୯ : ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁଣି ଲାଗିଛି ଆଇନଗତ ଝଟକା । ଜନ୍ମଗତ ନାଗରିକତାକୁ ସୀମିତ କରିବା ପାଇଁ ଟ୍ରମ୍ପ ପ୍ରଶାସନର ନୂଆ ପଦକ୍ଷେପ ଉପରେ ରୋକ୍ ଲଗାଇଛନ୍ତି ମେରିଲ୍ୟାଣ୍ଡର ଏକ ସଂଘୀୟ ଜିଲ୍ଲା କୋର୍ଟ । ଅର୍ଥାତ୍, ଆମେରିକାରେ ଜନ୍ମ ହେଲେ କିଏ ନାଗରିକତା ପାଇବ ଏବଂ କିଏ ପାଇବ ନାହିଁ ତାହାକୁ ନେଇ ଟ୍ରମ୍ପ ପ୍ରଶାସନ ଆଣିଥିବା ନୂଆ ନିୟମ ପୁଣି କୋର୍ଟରେ ଅଟକିଛି । ମେରିଲ୍ୟାଣ୍ଡର ଗ୍ରୀନବେଲ୍ଟରେ ଥିବା ଆମେରିକୀୟ ଜିଲ୍ଲା ବିଚାରପତି ଡେବୋରା ବୋର୍ଡମ୍ୟାନ୍ ପ୍ରବାସୀ ଅଧିକାର କର୍ମୀଙ୍କ ଆବେଦନ ଉପରେ ଶୁଣାଣି କରି ଟ୍ରମ୍ପ ପ୍ରଶାସନର ଆଦେଶକୁ ଅବରୋଧ କରିଛନ୍ତି । ଆମେରିକା ସମ୍ବିଧାନର ୧୪ତମ ସଂଶୋଧନ ଅନୁସାରେ, ସାଧାରଣତଃ ଆମେରିକାରେ ଜନ୍ମ ନେଉଥିବା ବ୍ୟକ୍ତିଙ୍କୁ ଆମେରିକୀୟ ନାଗରିକତା ମିଳିଥାଏ । ଏହି ବ୍ୟବସ୍ଥାର ପରିସରକୁ ସୀମିତ କରିବାକୁ ଚାହୁଁଛନ୍ତି ଟ୍ରମ୍ପ । ବିଶେଷକରି 'ବର୍ଥ ଟୁରିଜିମ୍' ବା ସନ୍ତାନକୁ ଆମେରିକାରେ ଜନ୍ମ ଦେଇ ନାଗରିକତାର ସୁବିଧା ହାସଲ କରିବା ପ୍ରସଙ୍ଗ ଉପରେ ଟ୍ରମ୍ପ ପ୍ରଶାସନ କଡ଼ା ଆଭିମୁଖ୍ୟ ନେଇଛି। ଟ୍ରମ୍ପ ପ୍ରଶାସନର ନୂଆ ଆଦେଶରେ କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆମେରିକାରେ ଜନ୍ମ ନେଇଥିବା ପିଲାଙ୍କୁ ସ୍ୱୟଂଚାଳିତ ନାଗରିକତା ନଦେବାର ବ୍ୟବସ୍ଥା ରହିଥିଲା । ହେଲେ ଏବେ ମେରିଲ୍ୟାଣ୍ଡର ଜିଲ୍ଲା କୋର୍ଟ ଏହି ପଦକ୍ଷେପ ଉପରେ ରୋକ୍ ଲଗାଇଛନ୍ତି। ଫଳରେ ଜନ୍ମଗତ ନାଗରିକତାକୁ ନେଇ ଟ୍ରମ୍ପ ପ୍ରଶାସନ ଓ ଆମେରିକୀୟ ଅଦାଲତ ମଧ୍ୟରେ ଆଇନଗତ ଲଢ଼େଇ ପୁଣି ଚର୍ଚ୍ଚାର କେନ୍ଦ୍ରକୁ ଆସିଛି। ଏବେ ନଜର ଟ୍ରମ୍ପ ପ୍ରଶାସନ ଏହି ରାୟ ବିରୋଧରେ ପରବର୍ତ୍ତୀ କେଉଁ ଆଇନଗତ ପଦକ୍ଷେପ ନେଉଛି ।

# ୧୫ ବର୍ଷ ଧରି ଅଧାପନ୍ତରିଆ ପରମାଣପୁର ମାଉସୀ ମା’ ମନ୍ଦିର : ସ୍ୱତନ୍ତ୍ର ପାଣ୍ଠି ଦାବି ଜୋରଦାର୍

ଝାରସୁଗୁଡ଼ା,୩/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ଗ୍ରାମର ନାଏକ ପଡ଼ାରେ ନିର୍ମାଣାଧୀନ ଭଗବାନ ଶ୍ରୀଜଗନ୍ନାଥଙ୍କ ମାଉସୀ ମା ମନ୍ଦିର ପ୍ରାୟ ୧୫ ବର୍ଷ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ପାଣ୍ଠିର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ମନ୍ଦିରର ନିର୍ମାଣକାର୍ଯ୍ୟ ଆଗକୁ ବଢ଼ିପାରୁ ନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମେତ ବିଭିନ୍ନ ଧାର୍ମିକ ପର୍ବପର୍ବାଣୀରେ ଏହି ମାଉସୀ ମା ମନ୍ଦିରର ସ୍ୱତନ୍ତ୍ର ଆଧ୍ୟାତ୍ମିକ ମହତ୍ୱ ରହିଛି। ତେବେ ପ୍ରାୟ ଦେଢ଼ ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇଥିବା ମନ୍ଦିର ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଦୀର୍ଘ ଦିନ ଧରି କାମ ବନ୍ଦ ରହିବା ଫଳରେ ନିର୍ମାଣାଧୀନ ସଂରଚନା କ୍ଷତିଗ୍ରସ୍ତ ହେବାକୁ ବସିଥିବାବେଳେ ଭକ୍ତମାନଙ୍କ ଧାର୍ମିକ ଭାବନା ମଧ୍ୟ ଆହତ ହେଉଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଲଇକେରା, କୋଲାବିରା ଓ କିର୍ମିରା ବ୍ଲକକୁ ନେଇ ଗଠିତ ଆଂଚଳିକ ବିକାଶ ପରିଷଦ ପକ୍ଷରୁ ମନ୍ଦିରର ଶୀଘ୍ର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ପାଣ୍ଠି ଆବଂଟନ ଦାବି କରାଯାଇଛି। ପରିଷଦର ସାଧାରଣ ସମ୍ପାଦକ ସମ୍ବିତ ନାଏକ ଏବଂ ସଭ୍ୟ ଅରୁଣ ନାଏକ ମିଳିତ ଭାବେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ମନ୍ଦିରର ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ସ୍ୱତନ୍ତ୍ର ପାଣ୍ଠି ମଞ୍ଜୁର କରିବାକୁ ଅନୁରୋଧ ଜଣାଇଛନ୍ତି। ଏହାଦ୍ୱାରା ଅଂଚଳର ଧାର୍ମିକ ପରମ୍ପରାର ସୁରକ୍ଷା ସହ ଭକ୍ତମାନଙ୍କ ଦୀର୍ଘଦିନର ଆଶା ପୂରଣ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହେବେ ଝାରସୁଗୁଡ଼ାରୁ ୫୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ

ଝାରସୁଗୁଡ଼ା,୩/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଝାରସୁଗୁଡ଼ା ଜିଲ୍ଲାରୁ ୫୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ହେବେ। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କୁ ସରକାରୀ ସହାୟତାରେ ତୀର୍ଥସ୍ଥାନ ଅଯୋଧ୍ୟାରୁ ବକ୍ଷରକ୍ଷଣାସୀ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯାଉଛି। ତୀର୍ଥଯାତ୍ରାରେ ଯୋଗଦେବାକୁ ଥିବା ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଜିଲ୍ଲା ସଂସ୍କୃତି ଭବନଠାରେ ତା. ୨୧.୦୯.୨୦୨୬ ( ସୋମବାର ) ସକାଳ ୮ଟା ସୁଦ୍ଧା ରିପୋର୍ଟିଂ କରିବେ। ସେଠାରେ ସମସ୍ତ ତୀର୍ଥଯାତ୍ରୀଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରକ୍ରିୟା ସମାପ୍ତ ପରେ ସେମାନେ ନିର୍ଦ୍ଧାରିତ ତୀର୍ଥସ୍ଥାନ ଅଭିମୁଖେ ଯାତ୍ରା କରିବେ। ଏହି ତୀର୍ଥଯାତ୍ରାକୁ ସୁବ୍ୟବସ୍ଥିତ ଓ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଉଛି। ଡେପୁଟି କଲେକ୍ଟର ସୋମେଶ ଆଚାର୍ଯ୍ୟ ଏବଂ କନିଷ୍ଠ ସହାୟକ ଅଲିଶ ପଟେଲଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ତୀର୍ଥଯାତ୍ରୀମାନଙ୍କ ସୁବିଧା ଓ ଯାତ୍ରାର ସୁଚାରୁ ପରିଚାଳନା ପାଇଁ କାର୍ଯ୍ୟରତ ଅଛନ୍ତି। ଏହି ତୀର୍ଥଯାତ୍ରା ବରିଷ୍ଠ ନାଗରିକମାନଙ୍କ ମନରେ ଧାର୍ମିକ ଭାବନାକୁ ଦୃଢ଼ କରିବା ସହିତ ସେମାନଙ୍କୁ ମାନସିକ ଆନନ୍ଦ ପ୍ରଦାନ କରିବ। ଏଥିସହ ସେମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ, ଭାତୃତ୍ୱ ଓ ସାମୂହିକତାର ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି ତୀର୍ଥଯାତ୍ରୀ ମାନେ ଆଶାବ୍ୟକ୍ତ କରିଛନ୍ତି।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ‘ଟିବି ମୁକ୍ତ ଭାରତ ଅଭିଯାନ’ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୩/୦୯ (ନି.ପ୍ର): ୧୫ (ଓ) ବାଟାଲିୟନ୍ ଏନ୍‌ସିସି, ଜୟପୁରର ନିର୍ଦ୍ଦେଶନା ଓ କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ପାର୍ଥ ରଞ୍ଜନ ଦାଶଙ୍କ ମାର୍ଗଦର୍ଶନରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପରିସରରେ ‘ଟିବି ମୁକ୍ତ ଭାରତ ଅଭିଯାନ’ ସମ୍ପର୍କିତ ଏକ ସଚେତନତାମୂଳକ ବକ୍ତୃତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟର ଆସିଷ୍ଟାଂଟ କଲେକ୍ଟର ଅନୁପ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୌରବ ବୃଦ୍ଧି କରିଥିଲେ। ତାଙ୍କ ଉପସ୍ଥିତି କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ଡିଏଚଏଚ ଏଡିପିଏଚଓ ଟିବି ଡା. ଶିବ ସାଇ ସ୍ୱରୂପ, ଜୟପୁର ଯୋଗଦେଇ ଟିବି ରୋଗର ଲକ୍ଷଣ, ପ୍ରତିରୋଧ, ଚିହ୍ନଟ ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ସଚେତନତା ପ୍ରଦାନ କରିଥିଲେ। ସେ ଟିବି ନିରାକରଣ ପାଇଁ ସମାଜର ସମସ୍ତ ବର୍ଗଙ୍କ ସହଯୋଗ ଓ ଯୁବପିଢ଼ିର ସକ୍ରିୟ ଭୂମିକାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୫ (ଓ) ବାଟାଲିୟନ୍ ଏନ୍‌ସିସିର ସୁବେଦାର ଏବଂ ପିଏଲ ଷ୍ଟାଫ୍ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ କଲେଜର ୨୦୦ ଜଣ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ୟାପଟେନ୍ ଡା. ଲକ୍ଷ୍ମଣ ପାତ୍ର ଧନ୍ୟବାଦ ଅର୍ପଣ କରି ଆସିଷ୍ଟାଂଟ କଲେକ୍ଟର, ବକ୍ତା, ଏନ୍‌ସିସି କମାଣ୍ଡିଂ ଅଫିସର, ସୁବେଦାର, ପିଏଲ ଷ୍ଟାଫ୍, କ୍ୟାଡେଟ୍ ଓ ସମସ୍ତ ସହଯୋଗୀଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଥିଲେ। ‘ଟିବି ମୁକ୍ତ ଭାରତ’ ଗଠନ ପାଇଁ ସଚେତନତା, ସହଯୋଗ ଓ ସାମୂହିକ ପ୍ରୟାସ ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଜଣାଇଥିଲେ।

# ଓଡ଼ିଶା ବିଧାନସଭା ସଦାଚାର ଗୃହ କମିଟିର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର,୩/୦୯ (ନି.ପ୍ର): ଓଡ଼ିଶା ବିଧାନସଭାର ସଦାଚାର ଗୃହ କମିଟିଙ୍କ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାନସଭା ସଦାଚାର ଗୃହ କମିଟିର ଅଧ୍ୟକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି, ସୁବର୍ଣ୍ଣପୁର ବିଧାୟକ ନିରଞ୍ଜନ ପୂଜାରୀ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗର୍ଡିଆ, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୁରୀ ଜିଲ୍ଲା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସାରସକଣା ବିଧାୟକ ଭାଦବ ହାଁସଦା, କଟକ ଜିଲ୍ଲା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଉତରାଂଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଂଚାସିନ ଥିଲେ। ଉକ୍ତ ବୈଠକରେ ଉତରାଂଚଳ ରେଞ୍ଜର ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂଙ୍କ ସମେତ ଉତରାଂଚଳ ରାଜସ୍ୱ ବିଭାଗ ଅନ୍ତର୍ଭୁକ୍ତ ୧୨ଟି ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଦାଚାର ଗୃହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସରକାରୀ ଅଧିକାରୀଙ୍କ ପ୍ରଶାସନିକ ଶୃଙ୍ଖଳା ଏବଂ ବୁକ୍ ସର୍କୁଲାର-୪୭ର କଡ଼ାକଡ଼ି ଅନୁପାଳନକୁ ନେଇ ଏହି ବୈଠକରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯାଇଥିଲା। ବିଧାୟକ ଏବଂ ଅନ୍ୟାନ୍ୟ ଜନ ପ୍ରତିନିଧିମାନଙ୍କ ସହ ସରକାରୀ କର୍ମଚାରୀମାନଙ୍କ ଆଚରଣ, ବୃତିଗତ ଶିଷ୍ଟାଚାର ଏବଂ ସରକାରୀ ପ୍ରୋଟୋକଲ ବଜାୟ ରଖିବା ସହ ସମସ୍ତ ସରକାରୀ ବିଭାଗରେ ପ୍ରଶାସନିକ ଦକ୍ଷତା ଏବଂ ଜନସାଧାରଣଙ୍କ ପ୍ରତି ଉତରଦାୟିତ୍ୱର ସମୀକ୍ଷା କରାଯାଇଥିଲା। ଏହି ସରକାରୀ ନିୟମର ସମ୍ପୂର୍ଣ୍ଣ ଅନୁପାଳନ ପାଇଁ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦକ୍ଷେପକୁ ମଧ୍ୟ ଅନୁମୋଦନ ଦିଆଯାଇଥିଲା। ବରିଷ୍ଠ ଅଧିକାରୀ ଏବଂ କାର୍ଯ୍ୟାଳୟ କର୍ମଚାରୀମାନଙ୍କୁ ସଚେତନ କରିବାକୁ ମଧ୍ୟ କୁହାଯାଇଛି। ଯେପରି ଜନପ୍ରତିନିଧିଙ୍କ ପତ୍ରର ତ୍ୱରିତ ଓ ସକ୍ରିୟ ଉତର ଦିଆଯାଇ ପାରିବ। ବିଭାଗଗୁଡ଼ିକୁ ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠର ସମୀକ୍ଷା କରିବା ସହ(ଫିଲ୍ଡ) ତୃଣମୂଳ ସ୍ତରରେ ନିୟମ ପାଳନର ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧିଙ୍କ ସହ ଆଲୋଚନା ବେଳେ କୌଣସି ପ୍ରକାର ଅବହେଳା, ଅଶିଷ୍ଟତା କିମ୍ବା ପ୍ରୋଟୋକଲ୍ ଉଲ୍ଲଂଘନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜିର ବୈଠକରେ ସ୍ପଷ୍ଟ କରାଯାଇଛି। ବୈଠକରେ ଉତରାଂଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ସ୍ପଷ୍ଟ କରିଛନ୍ତି ଯେ’ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ କୌଣସି ଯୋଗାଯୋଗ ବ୍ୟବଧାନ ରହିବା ଉଚିତ ନୁହେଁ। ଏହି ନିୟମାବଳୀକୁ କେବଳ ଉଚ୍ଚସ୍ତରରେ ସୀମିତ ନରଖି ବିଡିଓ, ମ୍ୟୁନିସିପାଲିଟି ଏବଂ ଏନ୍ଏସିର ନିର୍ବାହୀ ଅଧିକାରୀଙ୍କ ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ପହଂଚାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ ଆଉ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି ଯେ ‘ଭିନ୍ନମତ ବା ଅସହମତି ହେଉଛି ଗଣତନ୍ତ୍ରର ପ୍ରକୃତ ସୌନ୍ଦର୍ଯ୍ୟ’, ତେଣୁ ଲୋକ ପ୍ରତିନିଧିମାନଙ୍କ ସହ ଉତମ ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ‘ବୁକ୍ ସର୍କୁଲାର-୪୭’ର ନିୟମାବଳୀ ବିଷୟରେ ଅବଗତ କରାଇବାକୁ ସେପ୍ଟେମ୍ବର ୨୦ ତାରିଖରେ ଜିଲ୍ଲା ସ୍ତରରେ ଏକ କର୍ମଶାଳା ଆୟୋଜନ କରାଯିବା ସହ ସେପ୍ଟେମ୍ବର ୩୦ ତାରିଖରେ ସମ୍ବଲପୁର ସ୍ଥିତ ଆର୍‌ଡିସି ସମ୍ମିଳନୀ କକ୍ଷ କିମ୍ବା ଏସ୍ଏମ୍ସି ଠାରେ ପୋଲିସ, ବେସାମରିକ ପ୍ରଶାସନ ଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ବୃହତ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଉତରାଂଚଳ ରାଜସ୍ୱ କମିଶନର ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ବୈଠକର ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କମିଟି ଅଧ୍ୟକ୍ଷ ସନାତନ ବିଜୁଳି ପ୍ରକାଶ କରିଛନ୍ତି ଯେ’ ସ୍ଥାନୀୟ ନିର୍ବାଚନ ମଣ୍ଡଳୀଗୁଡ଼ିକର ସାମଗ୍ରିକ ବିକାଶ ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ସଂସଦୀୟ ବ୍ୟାପାର ତଥା ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଯୋଜନାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏଥିସହ ସୋସିଆଲ ମିଡିଆ ଏବଂ ଏଆଇ ପ୍ରଯୁକ୍ତି ବିଦ୍ୟାର ଦୁରୂପଯୋଗ କରି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଚରିତ୍ର ସଂହାର ଓ ମିଥ୍ୟା ଅପପ୍ରଚାର କରୁଥିବା ତତ୍ୱଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ୩ରୁ ୪ ମାସ ପରେ ଏହିସବୁ କାର୍ଯ୍ୟର ଅଗ୍ରଗତି ନେଇ କମିଟି ପୁଣି ଥରେ ସମୀକ୍ଷା କରିବ। ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମିଳିତ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ ପୁଣି ଥରେ ଦୋହରାଇ ଥିଲେ।

# କ୍ରାଇମବ୍ରାଂଚ ସମ୍ମିଳନୀ କକ୍ଷଠାରେ ସଡ଼କ ସୁରକ୍ଷା ସଚେତନତା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୩/୦୯ (ନି.ପ୍ର): କଟକସ୍ଥିତ କ୍ରାଇମବ୍ରାଞ୍ଚ ସମ୍ମିଳନୀ କକ୍ଷଠାରେ ରାଜ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣା ଏବଂ ଏହା ଦ୍ୱାରା ଘଟୁଥିବା ଧନଜୀବନ ହାନିକୁ ରୋକିବା ପାଇଁ କ୍ରାଇମ୍ ବ୍ରାଞ୍ଚ, ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ), କମନ ଆକ୍ସନ ଫର୍ ରୋଡ୍ ସେଫ୍ଟି, ଟିଆରଏଏକ୍ସ ,ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ ‘ଆଦର୍ଶ ସଡ଼କ ସୁରକ୍ଷା ସହର’ ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ୍ ଉପସ୍ଥାପନ କରାଯାଇଛି। ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୮ ରୁ ୪୫ ବର୍ଷ ବୟସ ମଧ୍ୟରେ ୬୬ ପ୍ରତିଶତରୁ ଅଧିକ ବ୍ୟକ୍ତିଙ୍କ ମୃତ୍ୟୁବରଣ କରୁଛନ୍ତି। ହେଲମେଟ୍ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନକରିବା ଏବଂ ଦ୍ରୁତଗତିରେ ଗାଡି ଚାଳନା ଯୋଗୁଁ ମୃତ୍ୟୁସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ‘ଆଦର୍ଶ ସଡ଼କ ସୁରକ୍ଷା ସହର’ ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଯୋଜନାକୁ ବାସ୍ତବରୂପ ଦେବା ପାଇଁ ସଡ଼କ ସୁରକ୍ଷାର ‘୪-ଇ’ ସୂତ୍ର ଅର୍ଥାତ୍ ଏଜୁକେସନ (ସଚେତନତା), ଇଂଜିନିୟରିଂ (ସଡ଼କ ନିର୍ମାଣ ଓ ସୁରକ୍ଷା ଡିଜାଇନ୍), ଏନଫୋର୍ସମେଂଟ (କଡ଼ାକଡ଼ି ନିୟମ ପାଳନ), ଏବଂ ଏମରଜେନ୍ସିଂ କେୟାର (ଜରୁରୀକାଳୀନ ସ୍ୱାସ୍ଥ୍ୟସେବା) ଉପରେ ଗୁରୁତ୍ୱାରୋପ କରାଯାଇଛି। ସଚେତନତା ସୃଷ୍ଟି ପାଇଁ ସ୍କୁଲ୍ ଓ କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଦେବା, ଡିଜିଟାଲ୍ ପ୍ରଚାର କରିବା ଏବଂ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ କମ୍ପ୍ୟୁଟର ସାହାଯ୍ୟରେ ବାସ୍ତବ ଗାଡ଼ି ଚଳାଇବାର କୃତ୍ରିମ ଅନୁଭୂତି ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଇଞ୍ଜିନିୟରିଂ କ୍ଷେତ୍ରରେ ଦୁର୍ଘଟଣାପ୍ରବଣ ସ୍ଥାନ (ବ୍ଲାକସ୍ପଟ) ଚିହ୍ନଟ କରିବା, ରାସ୍ତାର ଉନ୍ନତ ଡିଜାଇନ୍ ଏବଂ ସ୍ମାର୍ଟ ସାଇନେଜ୍ ସ୍ଥାପନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ହେଲମେଟ୍ ଓ ସିଟ୍‌ବେଲ୍ଟ ନିୟମର କଡ଼ାକଡ଼ି ଅନୁପାଳନ, ସ୍ପିଡ୍ କ୍ୟାମେରା ବ୍ୟବହାର ଏବଂ ଟ୍ରାଫିକ୍ ଛକମାନଙ୍କରେ ଚେକିଂ ଜୋରଦାର କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

# ଫୁଲବାଣୀରେ ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ୍ ଶିବିର

କନ୍ଧମାଳ,୩/୦୯ (ନି.ପ୍ର): ଫୁଲବାଣୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ରଓ ଶିଳ୍ପ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଗତ ଅଗଷ୍ଟ ୧୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଏକ ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିରରେ ବୁଧବାର କନ୍ଧମାଳ ଜିଲ୍ଲାର ଯୁବ ଶିଳ୍ପପତି ତଥା ସମାଜସେବୀ, ସାଲୁକି ପାଇପସ ର ପରିଚାଳନା ନିର୍ଦ୍ଦେଶକ ନୀଳମାଧବ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ସେ ଏହି ଅବସରରେ କହିଥିଲେ ଯେ, କୌଣସି ଯୁବକ ଯୁବତୀ ଆଗ୍ରହ, ନିଷ୍ଠା ଓ ଆନ୍ତରିକତାର ସହ କଠିନ ପରିଶ୍ରମ କଲେ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହେବା ସହ ଅନ୍ୟ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବିଷୟ ମୁଖ୍ୟ ବକ୍ତା ଶ୍ରୀ ମିଶ୍ର କହିବା ସହ ଏହକ୍ଷର ସୁଯୋଗ ନେବାପାଇଁ ପରାମର୍ଶ ଦେଇଥିଲେ ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର: କେନ୍ଦୁଝର ସ୍ଥାନାନ୍ତର

ଚମ୍ପୁଆ,୩/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଅଡଙ୍ଗାପାଳ ଗାଁରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଉଛନ୍ତି ମଙ୍ଗଳପୁର ଗାଁର ବିଲବିଲା ମୁଣ୍ଡା। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ପ୍ରାୟ ୧୫ଟି ହାତୀ ଥିବା ଏକ ହାତୀପଲ ଅଡଙ୍ଗାପାଳ ଗାଁ ନିକଟସ୍ଥ ଜଙ୍ଗଲକୁ ଚାଲିଆସିଥିଲେ। ଆଜି ବିଲବିଲା ସେହି ହାତୀପଲକୁ ଦେଖିବା ପାଇଁ ଯାଇଥିବା ବେଳେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦଳରୁ ଅଲଗା ହୋଇ ରହିଥିବା ଏକ ଦନ୍ତାହାତୀ ତାଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ଜୀବନ ବିକଳରେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତଳେ ପଡ଼ିଯାଇଥିଲେ ଏବଂ ହାତୀଟି ତାଙ୍କୁ ଗୋଇଠା ମାରି ଆହତ କରିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚି ଆହତ ବିଲବିଲାଙ୍କୁ ଉଦ୍ଧାର କରି ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତମାନ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଂଚଳରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି।

# ସମାବେଶୀ ସହର ପାଇଁ ଶକ୍ତି- ଶକ୍ତି ସମ୍ମିଳନୀ ୨୦୨୬ରେ ଲିଙ୍ଗ-ସମ୍ବେଦନଶୀଳ ସହରୀ ଯାତାୟାତକୁ ଗୁରୁତ୍ୱ

ଭୁବନେଶ୍ୱର,୩/୦୯ (ନି.ପ୍ର): “ଯେତେବେଳେ ମହିଳାମାନେ ଆଗକୁ ବଢ଼ନ୍ତି, ସହର ବି ଆଗକୁ ବଢ଼େ।” ଏହି ଦୃଢ଼ ବାର୍ତା ସହିତ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଓଡ଼ିଶାର ସହରୀ ପରିବହନ ବ୍ୟବସ୍ଥାରେ ମହିଳାଙ୍କ ସୁରକ୍ଷା, ସୁଗମତା ଓ ସକ୍ରିୟ ଅଂଶଗ୍ରହଣକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି।

ଭୁବନେଶ୍ୱରର ମେଫେୟାରରେ ଆୟୋଜିତ ‘ଶକ୍ତି ସମ୍ମିଳନୀ ୨୦୨୬ : ରାଜ୍ୟ ମହିଳା ଓ ଶିଶୁ ବିକାଶ ନେତୃତ୍ୱ କନକ୍ଲେଭ’ ରେ “ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା ପାଇଁ ଓଡ଼ିଶାର ପଦକ୍ଷେପ” ବିଷୟରେ ବକ୍ତବ୍ୟ ରଖି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସହରୀ ପରିବହନର ଯୋଜନା, ଡିଜାଇନ୍ ଓ ସେବା ପ୍ରଦାନର ପ୍ରତ୍ୟେକ ସ୍ତରରେ ମହିଳାଙ୍କ ଆବଶ୍ୟକତା ଓ ଅଭିଜ୍ଞତାକୁ କେନ୍ଦ୍ରରେ ରଖିବା ଆବଶ୍ୟକ। ସେ କହିଛନ୍ତି ଯେ, ଗମନାଗମନ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଂଚିବାର ବିଷୟ ନୁହେଁ; ଏହା ସୁଯୋଗ ଓ ସଶକ୍ତୀକରଣ ସହିତ ସିଧାସଳଖ ଜଡ଼ିତ। ମହିଳାମାନଙ୍କ ପାଇଁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସୁଗମ ପରିବହନ ସେମାନଙ୍କ ଶିକ୍ଷା, ନିଯୁକ୍ତି, ଉଦ୍ୟୋଗ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁଯୋଗ ପାଇବାର କ୍ଷମତାକୁ ସିଧାସଳଖ ପ୍ରଭାବିତ କରେ। “ଯେଉଁ ସହରରେ ଅଧା ଜନସଂଖ୍ୟା ଚଳପ୍ରଚଳ କରିବା ସମୟରେ ନିଜକୁ ସୁରକ୍ଷିତ ଓ ଆତ୍ମବିଶ୍ୱାସୀ ମନେ କରନ୍ତି ନାହିଁ, ସେହି ସହର ପ୍ରକୃତରେ ସମାବେଶୀ ହୋଇପାରିବ ନାହିଁ,” ବୋଲି ସେ କହିଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା କେବଳ ନୀତି ଓ ଦସ୍ତାବିଜରେ ସୀମିତ ନ ରହି ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ଭିତିଭୂମି ନିର୍ମାଣ, କାର୍ଯ୍ୟକାରିତା ଓ ସେବା ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପ୍ରତିଫଳିତ ହେବା ଦରକାର। ସୁରକ୍ଷିତ ଓ ସୁଗମ ଜନପରିବହନ, ପଥଚାରୀ-ଅନୁକୂଳ ଭିତିଭୂମି, ପର୍ଯ୍ୟାପ୍ତ ଆଲୋକୀକରଣ, ସୁରକ୍ଷିତ ସର୍ବସାଧାରଣ ସ୍ଥାନ, ସହଜ ଶେଷ-ମାଇଲ୍ ସଂଯୋଗ ଏବଂ ଉତରଦାୟୀ ପରିବହନ ସେବା ଏକ ମହିଳା-ଅନୁକୂଳ ସହରର ଅତ୍ୟାବଶ୍ୟକ ଅଙ୍ଗ ବୋଲି ସେ ଉଲ୍ଲେଖ କରିଛନ୍ତି। ଅଧିବେଶନରେ ଏକ ପ୍ରେରଣାଦାୟୀ ଉଦାହରଣ ଦେଇ ଶ୍ରୀମତୀ ପାଢ଼ୀ ତାଙ୍କ ମହିଳା ଡ୍ରାଇଭରଙ୍କୁ ଉପସ୍ଥିତ ଦର୍ଶକଙ୍କ ସହ ପରିଚିତ କରାଇଥିଲେ। ପାରମ୍ପରିକ ଭାବେ ପୁରୁଷ-ପ୍ରଧାନ ବୋଲି ବିବେଚିତ ହେଉଥିବା ଏକ କ୍ଷେତ୍ରରେ ଜଣେ ମହିଳାଙ୍କ ସଫଳ ଅଂଶଗ୍ରହଣ ରୂଢ଼ିବାଦୀ ଧାରଣାକୁ ଭାଙ୍ଗିବା ସହିତ ଅନ୍ୟ ମହିଳାମାନଙ୍କ ପାଇଁ ମଧ୍ୟ ନୂଆ ସୁଯୋଗର ଦ୍ୱାର ଖୋଲିଥାଏ ବୋଲି ସେ ଦର୍ଶାଇଥିଲେ। “ଲିଙ୍ଗଗତ ମୁଖ୍ୟଧାରା କେବଳ ନୀତି ଏବଂ ଦସ୍ତାବିଜ ମଧ୍ୟରେ ସୀମିତ ରହିପାରିବ ନାହିଁ । ଏହା ଆମ ଦୈନନ୍ଦିନ ଜୀବନରେ ଏବଂ ସାର୍ବଜନୀନ ସେବା ଯୋଗାଉଥିବା ଲୋକଙ୍କ କାର୍ଯ୍ୟରେ ଦୃଶ୍ୟମାନ ହେବା ଉଚିତ,” ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଡ୍ରାଇଭର, ପରିବହନ କର୍ମଚାରୀ, ଯୋଜନାକାରୀ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଓ ସେବା ପ୍ରଦାନକାରୀ ଭାବେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ସମଗ୍ର ପରିବହନ ବ୍ୟବସ୍ଥାକୁ ଅଧିକ ସମାବେଶୀ, ଉତରଦାୟୀ ଓ ଜନକେନ୍ଦ୍ରିକ କରିପାରିବ । ମହିଳାମାନଙ୍କୁ କେବଳ ପରିବହନ ବ୍ୟବସ୍ଥାର ହିତାଧିକାରୀ ଭାବେ ନଦେଖି, ସେମାନଙ୍କୁ ଏହାର ସକ୍ରିୟ ଅଂଶୀଦାର ଓ ନିଷ୍ପତି ନିର୍ମାଣ ପ୍ରକ୍ରିୟାର ଅଂଶ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ପରିବହନ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଲେ ସେବା ଅଧିକ ଉତରଦାୟୀ ହେବା ସହିତ ମହିଳା ଯାତ୍ରୀଙ୍କ ମଧ୍ୟରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବନା ମଧ୍ୟ ସୁଦୃଢ଼ ହେବ । ସହରୀ ଭିତିଭୂମି ଓ ପରିବହନ ବ୍ୟବସ୍ଥାର ପରିକଳ୍ପନା ସମୟରେ ମହିଳାଙ୍କ ଅଭିଜ୍ଞତା ଓ ମତାମତକୁ ଗୁରୁତ୍ୱ ଦେବା ଉପରେ ଜୋର ଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, “ମହିଳାଙ୍କ ପାଇଁ ସହର ଗଢ଼ିବାର ସର୍ବୋତମ ଉପାୟ ହେଉଛି ମହିଳାଙ୍କ କଥା ଶୁଣିବା।” ଏଥିପାଇଁ ବ୍ୟାପକ ପରାମର୍ଶ, ପ୍ରମାଣ-ଭିତିକ ଯୋଜନା ଏବଂ ସାର୍ବଜନୀନ ପରିବହନ ଓ ସର୍ବସାଧାରଣ ସ୍ଥାନ ବ୍ୟବହାର କରୁଥିବା ମହିଳାଙ୍କଠାରୁ ନିୟମିତ ମତାମତ ସଂଗ୍ରହର ଆବଶ୍ୟକତା ରହିଛି। ସେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ଏହି ଆଭିମୁଖ୍ୟ ଏକ ବୃହତର, ସମାବେଶୀ ଓ ଜନକେନ୍ଦ୍ରିକ ସହରୀ ବିକାଶ ପରିକଳ୍ପନାର ଅଂଶ। ଏହି ଆଭିମୁଖ୍ୟରେ ଭିତିଭୂମି, ପ୍ରଯୁକ୍ତିବିଦ୍ୟା ଓ ସୁଶାସନକୁ ସମନ୍ୱିତ କରି ସହରଗୁଡ଼ିକୁ ଅଧିକ ନିରାପଦ, ସୁଗମ, ସମାବେଶୀ ଓ ବାସୋପଯୋଗୀ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରୀମତୀ ପାଢ଼ୀଙ୍କ ବକ୍ତବ୍ୟ ଏକ ସ୍ପଷ୍ଟ ବାର୍ତା ଦେଇଛି- ଲିଙ୍ଗ-ସମ୍ବେଦନଶୀଳ ସହରୀ ଗମନାଗମନ କେବଳ ମହିଳାଙ୍କ ନିରାପଦ ଯାତ୍ରା ସୁନିଶ୍ଚିତ କରିବାର ବିଷୟ ନୁହେଁ; ଏହା ସହରର ଅର୍ଥନୈତିକ, ସାମାଜିକ ଓ ନାଗରିକ ଜୀବନରେ ମହିଳାମାନଙ୍କ ସମ୍ପୂର୍ଣ୍ଣ ଓ ସମାନ ଅଂଶଗ୍ରହଣ ପାଇଁ ଏକ ମୌଳିକ ଆବଶ୍ୟକତା। ମହିଳାଙ୍କ ଗତିଶୀଳତା ଯେତେ ଅଧିକ ସୁନିଶ୍ଚିତ ହେବ, ସହରର ବିକାଶ ସେତେ ଅଧିକ ସମାବେଶୀ ଓ ଗତିଶୀଳ ହେବ।

# ବିଶିଷ୍ଟ ଶିକ୍ଷାବିତ୍ ଓ ପାଲା ଗାୟକ ରବୀନ୍ଦ୍ର ସାହୁଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର,୩/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ଭାଗପୁର ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍, ପାଲା ଗାୟକ, ସାହିତ୍ୟିକ, ରତିକ୍,ଚିକିତ୍ସା ଓ ସଂସ୍କୃତି ଜଗତର ନିଷ୍ଠାପର ସେବକ ତଥା ଅନେକ ଶିକ୍ଷା ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ରବୀନ୍ଦ୍ର ପ୍ରସାଦ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କବି ଓ ଗୀତିକାର ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ପଣ୍ଡିତ ଦୈତାରୀ ମହାପାତ୍ର। ଏହି ଉତ୍ସବରେ ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ,ପ୍ରଫେସର ମାଗୁଣି ବେହେରା, ଭାରତ ସଞ୍ଚାର ନିଗମର ଅବସର ପ୍ରାପ୍ତ ଷ୍ଟାଫ୍ ରଜନୀକାନ୍ତ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାସୁଦେବପୁର ର୍ନିବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ସ୍ୱର୍ଗତ ରବୀନ୍ଦ୍ର ପ୍ରସାଦ ସାହୁଙ୍କ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଅମର ନାଥ ଦାସ, ତିଳୋତ୍ତମା ମହାପାତ୍ର, ଗୋକୁଳା ନନ୍ଦ ସ୍ୱାଇଁ,ଡାକ୍ତର ଚିତ୍ତ ରଞ୍ଜନ ମହାପାତ୍ର, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ପାଲା ଗାୟକ ରାମଚନ୍ଦ୍ର ବଳ, ନାରାୟଣ ଚନ୍ଦ୍ର ସାହୁ,କମଳାକାନ୍ତ ଜେନା ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରବୀନ୍ଦ୍ର ସାହୁ ସ୍ମୃତି ସଂସଦ ପକ୍ଷରୁ ସ୍ମରଣିକା ପୁଣ୍ୟସ୍ମୃତି ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ କବି ଶରତ କୁମାର ମହନି ମଞ୍ଚ ସଂଯୋଜନା କରିଥିଲେ। ଏହି ଉତ୍ସବରେ ନରେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉମେଶ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଡ଼କ୍ଟର ସୁରେଶ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ, ଜ୍ଞାନେଶ ଚନ୍ଦ୍ର ସାହୁ, ଦିନେଶ ଚନ୍ଦ୍ର ସାହୁ ଓ ପରିବାର ବର୍ଗ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ କବି ସୁଧାଂଶୁ ଶେଖର ମିଶ୍ର, କବି ବିକାଶ କୁମାର ଶତପଥୀ, କବି ପୀତାମ୍ବର ମହାନ୍ତି,ପରମାନନ୍ଦ ଓଝା, କବି ରତ୍ନାକର ପଣ୍ଡା, ରାସ ରଞ୍ଜନ ସାହୁ, ରଶ୍ମି ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# କାହିଁକି ଜନ୍ମ ହେବା ପରେ ଶିଶୁର କାନ୍ଦିବାକୁ ଅପେକ୍ଷା କରିଥା'ନ୍ତି ଡାକ୍ତର ? କ'ଣ କୁହେ ଡାକ୍ତରୀ ବିଜ୍ଞାନ ?



କୁହନ୍ତି ମହିଳା ସେତେବେଳେ ସମ୍ପୂର୍ଣ୍ଣ ହୁଅନ୍ତି ଯେତେବେଳେ ସେ ମା' ଡାକ ଶୁଣନ୍ତି । ମା'ହେବାର ସ୍ୱପ୍ନ ପ୍ରତ୍ୟେକ ମହିଳାଙ୍କର ଥାଏ । ଜଣେ ନାରୀ ୯ ମାସ ଅସହ୍ୟ କଷ୍ଟ ସହି ଯେତେବେଳେ ପିଲାକୁ ଜନ୍ମ ଦିଏ କୁଆଁ କୁଆଁ କାନ୍ଦ ଶୁଣିବା ମାତ୍ରେ ନିମିଷକରେ ତା'ର କଷ୍ଟ କେଉଁଠି ଉଭେଇଯାଏ । ସେଥିପାଇଁ ତ କୁହାଯାଏ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ଛୁଆର ପ୍ରଥମ କାନ୍ଦ ପ୍ରତିଟି ମା' ପାଇଁ ଖାସ୍ ହୋଇଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଯେ ପିଲା କାହିଁକି କାନ୍ଦେ ? ଏହାଦ୍ୱାରା ଡାକ୍ତର କିପରି ବୁଝିଥା'ନ୍ତି ଯେ ପିଲା ଠିକ୍ ଅଛି ?

ଜନ୍ମ ପରେ ତ ପିଲା ନିଜେ ନିଶ୍ୱାସ ନେବା ଆରମ୍ଭ କରିଦିଏ କିନ୍ତୁ ଜନ୍ମ ପୂର୍ବରୁ ମାଆ ପେଟରେ ଥିଲାବେଳେ ଛୁଆଟି କିପରି ଜୀବିତ ରହେ ? ସେ ନା ତ ନିଶ୍ୱାସ ନିଏ, ନା ହିଁ କଥା କହେ, ତଥାପି ତାହାର ଶରୀରକୁ ଯାହା ଦରକାର ଥାଏ, ତାହା ସବୁ କିପରି ମିଳେ ? ଏହି ପ୍ରଶ୍ନର ଉତ୍ତର ପ୍ରତ୍ୟେକ ମାତାପିତାଙ୍କୁ ଜାଣିବା ଉଚିତ । ମାଆ ପେଟରେ ଥିବାବେଳେ ଶିଶୁର ଶରୀର ଧୀରେ ଧୀରେ ବାହାରର ଦୁନିଆ ପାଇଁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଏହି ସମୟରେ ଶିଶୁର ଜୀବନ ବଞ୍ଚିବାର ଉପାୟ ଟିକେ ଭିନ୍ନ ହୋଇଥାଏ । ତା'ର ପ୍ରତ୍ୟେକ ଜିନିଷର ଯତ୍ନ ମାଆର ଶରୀର ଉପରେ ନିର୍ଭର କରେ । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ , ଡାକ୍ତର କୁହନ୍ତି ଯେ ଗର୍ଭରେ ପିଲା ନିଜ ଫୁସଫୁସର ବ୍ୟବହାର କରେନାହିଁ । ତାହାକୁ





ଯେଉଁ ଅମ୍ଳଜାନ ଦରକାର ହୋଇଥାଏ, ତାହା ପ୍ଲେସେଣ୍ଟା ମାଧ୍ୟମରେ ହିଁ ମିଳିଥାଏ । ମାଆର ରକ୍ତରେ ଯେଉଁ ଅମ୍ଳଜାନ ଥାଏ, ତାହା Placenta ଏବଂ ଗର୍ଭନଳୀ ମାଧ୍ୟମରେ ହିଁ ପିଲା ପାଖରେ ପହଞ୍ଚିଥାଏ । ଗର୍ଭନଳୀ ଅର୍ଥାତ୍ umbilical cord ର ଭୂମିକା ଏଠାରେ ମୁଖ୍ୟ ହୋଇଥାଏ । ଏହା ନା କେବଳ ଅମ୍ଳଜାନ ବରଂ ଖାଦ୍ୟ ଏବଂ ରୋଗରୁ ବଞ୍ଚାଇବା ପାଇଁ ଆଣ୍ଟିବଡି ମଧ୍ୟ ପିଲାକୁ ଦେଇଥାଏ । ଡାକ୍ତର ଅକ୍ଷୟ ବୁଧରାଜା କହିଛନ୍ତି ଯେ ଯଦି କୌଣସି କାରଣରୁ umbilical cord ରେ ଅମ୍ଳଜାନର ମାତ୍ରା କମ ହୋଇଯାଏ ତେବେ ଏହାକୁ ଫିଟଲ ହାଇପୋକ୍ସିଆ କୁହାଯାଏ । ଏହାଦ୍ୱାରା ପିଲାର ମସ୍ତିଷ୍କ, ହୃଦୟ ଏବଂ ଶରୀରର ଅନ୍ୟ ଅଂଶ ଉପରେ ଖରାପ ପ୍ରଭାବ ପକାଇପାରେ । ଅମ୍ଳଜାନର ଅଭାବରୁ ପିଲାର ବିକାଶ ଅଟକିପାରେ । ଡେଲିଭରୀ ସମୟରେ ଅସୁବିଧା ହୋଇପାରେ ।

ଡାକ୍ତର କୁହନ୍ତି ଯେ ଜନ୍ମର କିଛି ସେକେଣ୍ଡ ଅର୍ଥାତ୍ ୮ ସେକେଣ୍ଡ ପରେ ପିଲା ପ୍ରଥମ ଥର ପାଇଁ ନିଶ୍ୱାସ ନିଏ । ଏହି ପ୍ରକ୍ରିୟା ତାହାର ଫୁସଫୁସରେ ପବନ ଭରିବା ପାଇଁ ବହୁତ ଜରୁରି ହୋଇଥାଏ । ପିଲାର କାନ୍ଦିବା ଏହି କଥାର ସଙ୍କେତ ଦେଇଥାଏ ଯେ ତାହାର ଫୁସଫୁସ କାମ କରିବା ଆରମ୍ଭ କରିଦେଇଛି । ଯଦି ପିଲା କାନ୍ଦେନାହିଁ ତେବେ ଡାକ୍ତର ତୁରନ୍ତ ତାହାର ଯାଞ୍ଚ କରନ୍ତି । ଡାକ୍ତର କୁହନ୍ତି ଯେ ଆମେ ମେସିନଦ୍ୱାରା ପିଲାର ପାଟି ଏବଂ ନାକ ସଫା କରିଥାଉ । ତାହାକୁ ଅମ୍ଳଜାନ ଦେଇଥାଉ ଏବଂ ଦରକାର ପଡିଲେ ଉଚଜ ମଧ୍ୟ ଦେଇଥାଉ ।

ନର୍ମାଲ ଡେଲିଭରୀରେ ପିଲା ଯେତେବେଳେ ଜନ୍ମ ହୁଏ ତାହାର ଛାତି ଉପରେ ଟିକେ ଚାପ ପଡ଼ିଥାଏ, ଯେଉଁଥିପାଇଁ ତାହାର ଫୁସଫୁସରେ ଥିବା ପାଣି ବାହାରିଯାଏ । କିନ୍ତୁ ସିଜେରିୟନ ଯାହାକୁ C-section ଡେଲିଭରୀ ମଧ୍ୟ କୁହାଯାଏ, ସେଥିରେ ଏମିତି ହୋଇନଥାଏ । ସେଥିପାଇଁ କିଛି ପିଲାଙ୍କୁ ନିଶ୍ୱାସ ନେବାରେ ଟିକେ ଅସୁବିଧା ହୋଇପାରେ । ଯଦି ପିଲା ସମୟ ପୂର୍ବରୁ ଜନ୍ମ ହୋଇଯାଏ, ତେବେ ତାହାର ଫୁସଫୁସ ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇନଥାଏ । ସେଥିପାଇଁ ତାହାକୁ ନିଶ୍ୱାସ ନେବାରେ ଅସୁବିଧା ହୋଇପାରେ । ଏମିତି ପିଲାଙ୍କୁ ଅନେକ ଥର ଭେଣ୍ଟିଲେଟର କିମ୍ବା ଅମ୍ଳଜାନ ଥେରାପୀର ଦରକାର ପଡିଥାଏ । ଯଦି ମାଆଙ୍କୁ ଆସ୍ଥମା କିମ୍ବା ଫୁସଫୁସ୍ ସହିତ ଜଡ଼ିତ କୌଣସି ରୋଗ ଥାଏ, ତେବେ ଏହାର ପ୍ରଭାବ ପିଲାର ସ୍ୱାସ୍ଥ୍ୟ ଉପରେ ପଡ଼ିପାରେ ।

# ବୟସ ଲୁଚାଇ ଦେବ ପଇଡ଼ ପାଣି: ତ୍ୱଚା ପାଇଁ କେତେ ଉପକାରୀ ପଇଡ଼ ପାଣି ଜାଣନ୍ତୁ

**ନଡ଼ିଆ ପାଣି, ଯାହାକୁ ଆମେ 'ପଇଡ଼ ପାଣି' ବୋଲି କହିଥାଉ । ତେବେ ପଇଡ଼ ପାଣି କେବଳ ଶୋଷ ମେ[ାଇବା ପାଇଁ ଏକ ସତେଜ ପାନୀୟ ନୁହେଁ, ବରଂ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ବରଦାନ ସଦୃଶ । ବିଶେଷକରି ତ୍ୱଚାରୁ ବାର୍ଦ୍ଧକ୍ୟର ଛାପ କମାଇବା ଏବଂ ଓଜନ ହ୍ରାସ କରିବାରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**

ତ୍ୱଚା ପାଇଁ ନଡ଼ିଆ ପାଣିର ଅବଦାନ: ବୟସ ବଢ଼ିବା ସହିତ ଆମ ତ୍ୱଚାରେ କୁଞ୍ଚନ ଦେଖାଯିବା ଏକ ସାଧାରଣ ପ୍ରକ୍ରିୟା । କିନ୍ତୁ ନିୟମିତ ନଡ଼ିଆ ପାଣି ସେବନ ଦ୍ୱାରା ଏହି ପ୍ରକ୍ରିୟାକୁ ଧିମା କରାଯାଇପାରିବ ।

ସାଇଟୋକାଇନିନର ଶକ୍ତି: ନଡ଼ିଆ ପାଣିରେ 'ସାଇଟୋକାଇନିନ୍' ନାମକ ଏକ ଉଦ୍ଭିଦ ହରମୋନ୍ ପ୍ରଚୁର ମାତ୍ରାରେ ମିଳିଥାଏ । ଏହି ତତ୍ତ୍ୱ କୋଷ ବିଭାଜନ ଏବଂ କୋଷର ପୁନର୍ଗଠନରେ ସାହାଯ୍ୟ କରେ । ଏହା ତ୍ୱଚାର କୋଷଗୁଡ଼ିକୁ ସୁସ୍ଥ ରଖିବା ସହ ବାର୍ଦ୍ଧକ୍ୟକୁ ରୋକିବାରେ ସହାୟକ ହୁଏ । ଏହା ଫଳରେ ତ୍ୱଚା ଅଧିକ ସମୟ ପର୍ଯ୍ୟନ୍ତ କୁଞ୍ଚନମୁକ୍ତ ଏବଂ ଯୁବସୁଲଭ ରହିଥାଏ ।



ପ୍ରାକୃତିକ ମଶ୍ଚରାଇଜର: ନଡ଼ିଆ ପାଣି ଶରୀରକୁ ଭିତରୁ ହାଇଡ୍ରେଟ୍ କରେ, ଯାହାର ସକାରାତ୍ମକ ପ୍ରଭାବ ଆମ ତ୍ୱଚା ଉପରେ ଦେଖିବାକୁ ମିଳେ । ପର୍ଯ୍ୟାପ୍ତ ଜଳୀୟଅଂଶ ଥିବା ତ୍ୱଚା ସର୍ବଦା ସତେଜ, ମସୃଣ ଏବଂ ଉଜ୍ଜ୍ୱଳ ଦେଖାଯାଏ । ଏହା ଶୁଷ୍କତାକୁ ଦୂର କରି ତ୍ୱଚାକୁ କୋମଳ ରଖେ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର: ଆମ ଶରୀରରେ ଥିବା ଫ୍ରି-ରାଡିକାଲ୍ସ ତ୍ୱଚାର କୋଲାଜେନ୍ ନଷ୍ଟ କରି କୁଞ୍ଚନ ସୃଷ୍ଟି କରନ୍ତି । ନଡ଼ିଆ ପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏହି ଫ୍ରି-ରାଡିକାଲ୍ସ ସହ ଲଢ଼ି ତ୍ୱଚାକୁ ସୁରକ୍ଷା ଦେଇଥାଏ ।

ଓଜନ ହ୍ରାସ ପାଇଁ ନଡ଼ିଆ ପାଣି: ଯଦି ଆପଣ ଓଜନ କମାଇବାକୁ ଚେଷ୍ଟା କରୁଛନ୍ତି, ତେବେ ନଡ଼ିଆ ପାଣି ଆପଣଙ୍କ ଡାଏଟ୍ ପାଇଁ ଏକ ଉତ୍ତମ ସାଥୀ ହୋଇପାରେ ।

କମ୍ କ୍ୟାଲୋରୀ: ଅନ୍ୟ ମିଠା ପାନୀୟ କିମ୍ବା ଫଳରସ ତୁଳନାରେ ନଡ଼ିଆ ପାଣିରେ କ୍ୟାଲୋରୀର ମାତ୍ରା ବହୁତ କମ୍ ଥାଏ । ତେଣୁ, ଏହାକୁ ପିଇବା ଦ୍ୱାରା ଓଜନ ବଢ଼ିବାର ଆଶଙ୍କା ନଥାଏ ।

ମେଟାବୋଲିଜିମ୍ ବୃଦ୍ଧି: ନଡ଼ିଆ ପାଣିରେ ଥିବା ବିଭିନ୍ନ ଏନଜାଇମ୍ ଏବଂ ପୋଟାସିୟମ୍ ପରି ଖଣିଜ ଲବଣ ହଜମ ପ୍ରକ୍ରିୟାକୁ ସୁଧାରିବା ସହ ଶରୀରର ମେଟାବୋଲିଜିମ୍ (ଚୟାପଚୟ କ୍ରିୟା) କୁ ବଢ଼ାଇଥାଏ । ଏକ ସୁସ୍ଥ ମେଟାବୋଲିଜିମ୍ ଅଧିକ କ୍ୟାଲୋରୀ ବର୍ଣ୍ଣ କରିବାରେ ସାହାଯ୍ୟ କରେ ।

ଭୋକ ନିୟନ୍ତ୍ରଣ: ନଡ଼ିଆ ପାଣି ପିଇବା ଦ୍ୱାରା ପେଟ ଅଧିକ ସମୟ ପର୍ଯ୍ୟନ୍ତ ଭରି ରହିଥିବାର ଅନୁଭବ ହୁଏ । ଏହା ବାରମ୍ବାର ଭୋକ ଲାଗିବାକୁ କମ୍ କରେ, ଯାହାଫଳରେ ଆପଣ ଅତ୍ୟଧିକ ଖାଇବାରୁ ବିରତ ରୁହନ୍ତି ।

ଶରୀରକୁ ଡିଟକ୍ସ କରେ: ଏହା ଏକ ଉତ୍ତମ ଡିଟକ୍ସ ପାନୀୟ ଭାବରେ କାର୍ଯ୍ୟ କରେ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ଓଜନ ହ୍ରାସ ପ୍ରକ୍ରିୟା ସହଜ ହୋଇଥାଏ ।

କେତେବେଳେ ଏବଂ କିପରି ପିଇବେ ?: ସର୍ବୋତ୍ତମ ଫଳାଫଳ ପାଇଁ ସକାଳେ ଖାଲି ପେଟରେ ନଡ଼ିଆ ପାଣି ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାଛଡ଼ା ବ୍ୟାୟାମ କରିବା ପୂର୍ବରୁ କିମ୍ବା ପରେ ମଧ୍ୟ ଏହାକୁ ପିଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳିଥାଏ । ତେବେ, ଦିନକୁ ଗୋଟିଏ କିମ୍ବା ଦୁଇଟି ନଡ଼ିଆ ପାଣି ପିଇବା ଯଥେଷ୍ଟ । ତେଣୁ, ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀରେ ଏହି ପ୍ରାକୃତିକ ଏବଂ ସ୍ୱାଦିଷ୍ଟ ପାନୀୟକୁ ସାମିଲ କରନ୍ତୁ ।

# ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ



ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ ।

# ଚନ୍ଦାପଣ ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଖୁସିଖବର, ଏହି ଉପାୟ କଲେ ଗହଳ ହେବ କେଶ !

କନକ ବ୍ୟୁରୋ: ଚନ୍ଦାପଣ ଭଳି ସମସ୍ୟା ଭୋଗୁଥିଲେ ହୁଅନ୍ତୁନି ନିରାଶ । ବୈଜ୍ଞାନିକ ଗବେଷଣାରୁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । କେଶର ଉପଯୁକ୍ତ ଯତ୍ନ ନେବା ଦ୍ୱାରା ଏହା ପୁଣିଥରେ ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ଗବେଷକ ଦଳ ଦାବି କରିଛନ୍ତି । ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିରେ ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ଏହି କେଶ ମୂଳ ଅର୍ଥାତ୍ ଫଲିକଲ୍ ଶରୀରର କିଛି ପ୍ରଣାଳୀ ସହିତ ମିଶି କାର୍ଯ୍ୟ କରିଥାନ୍ତି । ଯେତେବେଳେ ଏହି ପ୍ରଣାଳୀ କୌଣସି କାରଣରୁ ବାଧାପ୍ରାପ୍ତ ହୋଇଥାଏ, ସେତେବେଳେ କେଶ ଝଡ଼ିବା ଆରମ୍ଭ ହୋଇଥାଏ । ଯଦି ଏହି ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କରିବା ଆରମ୍ଭ କରନ୍ତି, ତେବେ ପୁଣିଥରେ କେଶ ପୂର୍ବ ଅବସ୍ଥାକୁ ଫେରି ଆସିବା ସମ୍ଭବ ।

- ◆ଯତ୍ନ ନେଲେ ପୁଣିଥରେ ଫେରିଆସିବ ପୂର୍ବାବସ୍ଥା
- ◆ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିର ବଡ଼ ଦାବି
- ◆କିଛି ଉପାୟ ଆପଣାଇଲେ କେଶ ହେବ ଗହଳ
- ◆କେଶ ମୂଳ ଅର୍ଥାତ୍ କେଶ ଫଲିକଲ୍ ଦୁର୍ବଳ ହେଲେ ଝଡ଼ିଥାଏ କେଶ
- ◆ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କଲେ ବଢେ କେଶ
- ◆ଜିନ୍ ଏଡିଟିଂ କୌଶଳ ଏବଂ ଷ୍ଟେମ୍ ସେଲ୍ ଭଳି କୌଶଳର ସାହାଯ୍ୟ ନିଆଯାଇପାରିବ
- ◆ଏହି ପଦ୍ଧତି ଏପର୍ଯ୍ୟନ୍ତ ଗବେଷଣା ପର୍ଯ୍ୟାୟରେ ରହିଛି
- ◆ଆଗାମୀ ୨ବର୍ଷ ମଧ୍ୟରେ ମଣିଷ ଉପରେ ଏହାର ପରୀକ୍ଷଣ ଆରମ୍ଭ ହେବ
- ◆ଯେତେବେଳେ କେଶ ଝଡ଼ିଥାଏ, ଏହାର ମୂଳ ଅର୍ଥାତ୍ ଫୋଲିକଲ୍ ମରେ ନାହିଁ
- ◆ଫୋଲିକଲ୍ ଗୁଡ଼ିକ କେବଳ ନିଷ୍କ୍ରିୟ ହୋଇ ରହିଥାନ୍ତି
- ◆ଏନେଇ ଅଧିକ ଗବେଷଣା ସଫଳତା ଆଣିଦେବ ବୋଲି ଆଶା ବୃଦ୍ଧି ହୋଇଛି



# ରୁଟିରେ ଘିଅ ଲଗାଇ ଖାଇବାର ଉପକାରିତା ଜାଣନ୍ତୁ

ଭାରତୀୟଙ୍କ ଘରେ ରୁଟି ସହିତ ଘିଅ ଲଗାଇ ଖାଇବାର ପରମ୍ପରା ଅନେକ ଦିନରୁ ରହି ଆସିଛି। ଘରର ବରିଷ୍ଠଲୋକମାନେ ସର୍ବଦା ରୁଟି ସହିତ ଘିଅ ଲଗାଇ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ବିଶେଷଜ୍ଞଙ୍କ ମତରେ ଉଚିତ ପରିମାଣରେ ଘିଅ ଖାଇବା ଶରୀରପକ୍ଷେ ଲାଭଦାୟକ ହୋଇଥାଏ।

ରୁଟି ସହ ଘିଅ ମିଶାଇଲେ ରୁଟିର ଗ୍ଲାଇସେମିକ୍ ଇଣ୍ଡେକ୍ସ କମିଯାଏ । ଯାହାକି ରକ୍ତରେ ମଧୁମେହକୁ ବୃଦ୍ଧି ହେବାକୁ ଦିଏ ନାହିଁ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ରୁଟି ସହିତ ଘିଅ ଖୋଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ।

ଘିଅରେ ଥିବା ଉତ୍ତମ ଫ୍ୟାଟ ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଖାଇ ସାରିବା ପରେ ବି ଯେଉଁମାନଙ୍କର ବାରମ୍ବାର ଖାଇବାକୁ ଇଚ୍ଛା ହୋଇଥାଏ ସେ ଇଚ୍ଛା କମିଯାଇଥାଏ। ଏହା ଶରୀରକୁ ଶକ୍ତି ଯୋଗାଇଥାଏ। ଅଧିକ ଶାରୀରିକ ପରିଶ୍ରମ କରୁଥିବା ଲୋକଙ୍କ ଖାଦ୍ୟରେ ଉଚିତ ପରିମାଣର ଘିଅ ରହିବା ଭଲ।

ଘିଅରେ କ୍ୟାଲୋରୀ ଅଧିକ ଥିବାରୁ ପରିମାଣ ଉପରେ ନିୟନ୍ତ୍ରଣ ଜରୁରୀ। ସାଧାରଣତଃ ଗୋଟିଏ ରୁଟିରେ ପ୍ରାୟ ୧ ଛୋଟ ଚାମଚ ଘିଅ ଯଥେଷ୍ଟ ହୋଇପାରେ। ଓଜନ କମାଇବାକୁ ଚାହୁଁଥିଲେ ମୋଟ ଦୈନିକ କ୍ୟାଲୋରୀ ଓ ଘିଅର ପରିମାଣ ଉପରେ ବିଶେଷ ଧ୍ୟାନ ଦେବା ଉଚିତ।



# ଡିଜିଟାଲ୍ ବୁମ୍ ଆଣୁଛି କି କ୍ଲାଇମେଟ୍ ଡୁମ୍

ଭାରତ ବର୍ତ୍ତମାନ ଏକ ବିଶାଳ ଡାଟା ସେଣ୍ଟର ବା ତଥ୍ୟ କେନ୍ଦ୍ର ବିପ୍ଳବର ମଧ୍ୟଭାଗରେ ଦଣ୍ଡାୟମାନ। ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଯଥା ଗୁଗଲ୍, ମେଟା, ଆମାଜନ୍ ଏବଂ ମାଇକ୍ରୋସଫ୍ଟ ଭାରତର ବିଭିନ୍ନ ସ୍ଥାନରେ ନିଜର ପ୍ରକଳ୍ପ ସ୍ଥାପନ କରିବା ପାଇଁ ବିଲିୟନ୍ ବିଲିୟନ୍ ଡଲାରର ପୁଞ୍ଜିନିବେଶ କରୁଛନ୍ତି। ଭାରତ ସରକାରଙ୍କ ଆକଳନ ଅନୁଯାୟୀ ଆଗାମୀ ଦଶନ୍ଧି ମଧ୍ୟରେ କେବଳ ଡାଟା ସେଣ୍ଟର କ୍ଷେତ୍ର ପ୍ରାୟ ୨୦୦ ବିଲିୟନ୍ ଡଲାରର ପୁଞ୍ଜିନିବେଶ ଆକର୍ଷିତ କରିବ । ଏହି ଆର୍ଥିକ ଅଭିବୃଦ୍ଧି ଉତ୍ସାହଜନକ ମନେହେଉଥିଲେ ମଧ୍ୟ ଏହା ପଛରେ ଏକ ଭୟଙ୍କର ପରିବେଶଗତ ସଙ୍କଟ ଲୁଚି ରହିଛି । ଭାରତର ଜଳବାୟୁ ବାସ୍ତବତା ଏବଂ ସୀମିତ ପ୍ରାକୃତିକ ସମ୍ବଳ ସହିତ ଏହି ବିପୁଳ ଡିଜିଟାଲ୍ ସମ୍ପ୍ରସାରଣର ସିଧାସଳଖ ସଂଘର୍ଷ ଆରମ୍ଭ ହୋଇଯାଇଛି । ନେଟ୍ ଜିରୋ ବା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତ ଆଗେଇ ଚାଲିଥିବା ବେଳେ ଏହି ଡାଟା ସେଣ୍ଟରଗୁଡ଼ିକର ଅହେତୁକ ଶକ୍ତି ଏବଂ ଜଳ ଚାହିଦା ସେହି ଲକ୍ଷ୍ୟ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

ଦେଶର ବିଭିନ୍ନ ରାଜ୍ୟ ଏହି ପୁଞ୍ଜିନିବେଶର ସିଂହଭାଗ ହାତେଇବା ପାଇଁ ନିଜ ନିଜ ଭିତରେ ଏକ ଅସୁସ୍ଥ ପ୍ରତିଯୋଗିତାରେ ଲାଗିପଡ଼ିଛନ୍ତି । ମହାରାଷ୍ଟ୍ର ନିଜକୁ ଦେଶର ଡାଟା ସେଣ୍ଟର ରାଜଧାନୀ ଭାବରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି । ତେଲେଙ୍ଗାନା ସରକାର ଏକ ପାଦ ଆଗକୁ ଯାଇ ଡାଟା ସେଣ୍ଟରଗୁଡ଼ିକୁ ଅତ୍ୟାବଶ୍ୟକ ସେବା ବା ଏସେନ୍ସିଆଲ୍ ସର୍ଭିସେସ୍ ଭାବରେ ଘୋଷଣା କରିଛନ୍ତି । ସେହିପରି କର୍ଣ୍ଣାଟକ ଅଧିକ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନିଜର ନୀତିର ପୁନର୍ବିଚାର କରୁଥିବା ବେଳେ ରାଜସ୍ଥାନ ଟିକସ ଛାଡ଼ ଏବଂ ଶସ୍ତା ଜମି ଯୋଗାଇଦେବାର ପ୍ରତିଶ୍ରୁତି ଦେଉଛି । ସମସ୍ତଙ୍କ ଦୃଷ୍ଟି କେବଳ ଆର୍ଥିକ ସୁଯୋଗ ଉପରେ କେନ୍ଦ୍ରୀଭୂତ ହୋଇଥିବା ବେଳେ ଏହା ବଦଳରେ ପରିବେଶକୁ କେତେ ବଡ଼ ମୂଲ୍ୟ ଦେବାକୁ ପଡ଼ିବ, ସେ ବିଷୟରେ କେହି ଗମ୍ଭୀରତାର ସହ ବିଚାର କରୁନାହାନ୍ତି ।

ତଥ୍ୟ କେନ୍ଦ୍ରଗୁଡ଼ିକର ବିଦ୍ୟୁତ୍ ବ୍ୟବହାର କ୍ଷମତା ଭାରତରେ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି । ୨୦୨୦ ମସିହାରେ ଏହା ମାତ୍ର ୫୨୦ ମେଗାୱାଟ୍ ଥିବାବେଳେ ବର୍ତ୍ତମାନ ତାହା ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୧.୫ ଗିଗାୱାଟରେ ପହଞ୍ଚିଛି । ୨୦୩୦ ମସିହା ସୁଦ୍ଧା ଏହା ୬.୫ ଗିଗାୱାଟ୍ ଛୁଇଁବ ବୋଲି ଆକଳନ କରାଯାଇଛି, ଯାହାକି ଆଗାମୀ ଚାରି ବର୍ଷ ମଧ୍ୟରେ ଏକ ଚାରିଗୁଣା ସମ୍ପ୍ରସାରଣକୁ ସୂଚାଉଛି । ଏହି ସୁବିଧାଗୁଡ଼ିକରୁ ବିଦ୍ୟୁତ୍ ଚାହିଦା ୨୦୨୪ ମସିହାରେ ୧୩ ଟେରାୱାଟ୍-ଘଣ୍ଟା (TWh)ରୁ ବୃଦ୍ଧି ପାଇ ୨୦୩୦ ସୁଦ୍ଧା ପ୍ରାୟ ୫୭ ଟେରାୱାଟ୍-ଘଣ୍ଟାରେ ପହଞ୍ଚିବାର ସମ୍ଭାବନା ରହିଛି । କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ଆକଳନ ଅନୁଯାୟୀ କେବଳ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) କାରଣରୁ ୨୦୩୧-୩୨ ସୁଦ୍ଧା ୨୬.୩ ଗିଗାୱାଟର ନୂତନ ବିଦ୍ୟୁତ୍ ଚାହିଦା ସୃଷ୍ଟି ହେବ । କିନ୍ତୁ ଦୁଃଖର ବିଷୟ ହେଉଛି, ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ସନ୍ତୁଳିତ ହେଉଥିବା ଏବଂ ପୂର୍ବରୁ ଅତ୍ୟଧିକ ଚାପରେ ଥିବା ଆମର ପାୱାର୍ ଗ୍ରିଡ୍ ଏହି ଅତିରିକ୍ତ ଭାର କିପରି ସମ୍ଭାଳିବ, ସେ ନେଇ କେନ୍ଦ୍ର କିମ୍ବା ରାଜ୍ୟ ସ୍ତରରେ କୌଣସି ନୀତିଗତ ଦଲିଲ୍ ପ୍ରସ୍ତୁତ କରାଯାଇନାହିଁ । ଏହି ବିଶାଳ ସର୍ଭରଗୁଡ଼ିକୁ ଥଣ୍ଡା କରିବା ପାଇଁ ଆବଶ୍ୟକ ଜଳ କେଉଁଠୁ ଆସିବ ଏବଂ ଏଥିରୁ ନିର୍ଗତ ଉତ୍ତାପ ଆଖପାଖ ଅଞ୍ଚଳର ତାପମାତ୍ରାକୁ କିପରି ପ୍ରଭାବିତ କରିବ, ତାହାର କୌଣସି ସ୍ପଷ୍ଟ ଉତ୍ତର ସରକାରଙ୍କ ପାଖରେ ନାହିଁ ।

ଜଳ ସମ୍ପଦ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ । ଏକ ୧୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଡାଟା ସେଣ୍ଟର ପ୍ରତିଦିନ ପ୍ରାୟ ୨ ନିୟୁତ ଲିଟର ଜଳ ବ୍ୟବହାର କରିଥାଏ, ଯାହାକି ପ୍ରାୟ ୬,୫୦୦ ପରିବାରର ଦୈନିକ ଜଳ ଆବଶ୍ୟକତା ସହିତ ସମାନ । ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଡାଟା ସେଣ୍ଟରଗୁଡ଼ିକ ପ୍ରାୟ ୧୫୦ ବିଲିୟନ୍ ଲିଟର ଜଳ ଖର୍ଚ୍ଚ କରିଥିବା ଅନୁମାନ କରାଯାଉଛି । ୨୦୩୦ ମସିହା ସୁଦ୍ଧା ଏହି ସଂଖ୍ୟା ଦ୍ୱିଗୁଣିତ ହୋଇ ବାର୍ଷିକ ୩୫୮ ବିଲିୟନ୍ ଲିଟରରେ ପହଞ୍ଚିବ । ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଏହି ଡାଟା ସେଣ୍ଟରଗୁଡ଼ିକ ଭାରତର ସେହି ଅଞ୍ଚଳରେ ସ୍ଥାପିତ ହେଉଛି ଯେଉଁଠାରେ ପୂର୍ବରୁ ଉତ୍କଟ ଜଳାଭାବ ଲାଗିରହିଛି । ଉଦାହରଣସ୍ୱରୂପ, ରାଜସ୍ଥାନ ତାର ବାର୍ଷିକ ଭୂଗର୍ଭସ୍ଥ ଜଳ ପୁନର୍ଭରଣ କ୍ଷମତାର ୧୪୭.୧୧ ପ୍ରତିଶତ ଶୋଷଣ କରୁଛି, ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ । ମହାରାଷ୍ଟ୍ରର ଅନେକ ଭୂଗର୍ଭସ୍ଥ ଜଳ ୟୁନିଟ୍ ବର୍ତ୍ତମାନ ସଙ୍କଟାପନ୍ନ ଅବସ୍ଥାରେ ରହିଛି। ମେ ୨୦୨୬ ରେ ତେଲେଙ୍ଗାନାର ଜଳସେଚନ ମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ରାଜ୍ୟର ୧୬ଟି ଜିଲ୍ଲା ଉତ୍କଟ ଜଳ ସଙ୍କଟ ଦେଇ ଗତି କରୁଛନ୍ତି। ୨୦୨୪ ଗ୍ରୀଷ୍ମ ଋତୁରେ ଖରାପ ମୌସୁମୀ କାରଣରୁ ହାଇଦ୍ରାବାଦର ଭୂପୃଷ୍ଠ ଜଳ ଯୋଗାଣ ୨୦ ପ୍ରତିଶତ ହ୍ରାସ ପାଇଥିଲା ଏବଂ ଜଳ ବୋର୍ଡକୁ ରେସନିଂ ବ୍ୟବସ୍ଥା ଲାଗୁ କରିବାକୁ ପଡ଼ିଥିଲା । ମାର୍ଚ୍ଚ ୨୦୨୬ ସୁଦ୍ଧା ମୁମ୍ବାଇର ଜଳଭଣ୍ଡାରଗୁଡ଼ିକରେ ମାତ୍ର ୪୪.୫ ପ୍ରତିଶତ ଜଳ ମହଜୁଦ ଥିଲା । ଏତେ ସବୁ ସମସ୍ୟା ସତ୍ତ୍ୱେ କୌଣସି ରାଜ୍ୟର ନୀତିରେ ଡାଟା ସେଣ୍ଟରଗୁଡ଼ିକର ଜଳ ଖର୍ଚ୍ଚର ହିସାବ ରଖାଯାଉନାହିଁ କିମ୍ବା ସର୍ବସାଧାରଣରେ ଦୈନିକ ଜଳ ବ୍ୟବହାରର ତଥ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ କରାଯାଇନାହିଁ । ପ୍ରକଳ୍ପ ଅନୁମୋଦନ ପୂର୍ବରୁ କୌଣସି ହାଇଡ୍ରୋଜିଓଲୋଜିକାଲ୍ ସର୍ବେକ୍ଷଣ କରାଯାଉନାହିଁ ଏବଂ କୃଷି କିମ୍ବା ପୌରାଞ୍ଚଳ ଜଳ ଯୋଗାଣ ସହିତ ଏହି କମ୍ପାନୀଗୁଡ଼ିକର ଜଳ ଉତ୍ସ ଯେପରି ପ୍ରତିଦ୍ୱନ୍ଦ୍ୱିତା ନକରେ, ସେ ନେଇ କୌଣସି ନିୟମ ନାହିଁ ।

ବିଦ୍ୟୁତ୍ ସ୍ଥିତି ମଧ୍ୟ ସମାନ ଭାବରେ ଉଦ୍‌ବେଗଜନକ ଅଟେ । ଭାରତର ପାୱାର୍ ଗ୍ରିଡ୍ ପୂର୍ବରୁ ହିଁ ରେକର୍ଡ ବିଦ୍ୟୁତ୍ ଚାହିଦା ଯୋଗୁଁ ସଙ୍କଟରେ ରହିଛି । ଏପ୍ରିଲ୍ ୨୦୨୬ ରେ ମହାରାଷ୍ଟ୍ରର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୨୭,୨୩୦ ମେଗାୱାଟ୍ ଛୁଇଁଥିଲା, ଯାହା ରାଜ୍ୟ ଇତିହାସରେ ସର୍ବାଧିକ । ସମଗ୍ର ଦେଶରେ ୨୨୦ କେଭି ଗ୍ରିଡ୍ ସଂଯୋଗ ପାଇଁ ଦୁଇ ବର୍ଷର ଅପେକ୍ଷା ସମୟ ପ୍ରକଳ୍ପଗୁଡ଼ିକର ଅବଧିକୁ ବୃଦ୍ଧି କରୁଛି । ଏହା ସହିତ ଟ୍ରାନ୍ସମିସନ୍ ବା ବିଦ୍ୟୁତ୍ ପରିବହନ ସମସ୍ୟା ଏକ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ଏମ୍ବର ଏନର୍ଜି ନାମକ ଏକ ବିଶେଷଜ୍ଞ ସଂସ୍ଥାର କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ତଥ୍ୟ ବିଶ୍ଳେଷଣ ଅନୁଯାୟୀ, କେବଳ ଗ୍ରିଡ୍ ଅକ୍ଷମତା କାରଣରୁ ୨୦୨୬ ର ପ୍ରଥମ ତ୍ରୈମାସିକରେ ଭାରତ ୩୦୦ ଗିଗାୱାଟ୍-ଘଣ୍ଟାର ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବନ୍ଦ କରିବାକୁ ବାଧ୍ୟ ହୋଇଥିଲା । ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତ ନିଜର ବାର୍ଷିକ ଟ୍ରାନ୍ସମିସନ୍ ଲକ୍ଷ୍ୟର ମାତ୍ର ୮୦ ପ୍ରତିଶତ ହାସଲ କରିପାରିଛି। ପ୍ରତି ଚାରୋଟି ପ୍ରମୁଖ ଟ୍ରାନ୍ସମିସନ୍ ଯୋଜନା ମଧ୍ୟରୁ ଗୋଟିଏ ଏକ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସମୟ ବିଳମ୍ବରେ ଚାଲିଛି । ଫଳସ୍ୱରୂପ ୨୦ ଗିଗାୱାଟ୍ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ଚାରି ମାସରୁ ଅଧିକ ସମୟ ଧରି ସଂଯୋଗ ଅପେକ୍ଷାରେ ରହିଛି । ରାଜସ୍ଥାନ ଏବଂ ଗୁଜରାଟ ଭଳି ରାଜ୍ୟ, ଯେଉଁଠାରେ ଦେଶର ଅଧିକାଂଶ ସୌର ଏବଂ ପବନ ଶକ୍ତି ପ୍ରକଳ୍ପ ରହିଛି, ସେଠାରେ ପୁଲିଂ ଷ୍ଟେସନଗୁଡ଼ିକରେ ସବୁଠାରୁ ଲମ୍ବା ଲାଇନ୍ ଦେଖାଯାଉଛି । ତାର ଏବଂ ଗ୍ରିଡ୍ ନିର୍ମାଣ ତୁଳନାରେ ସୌର ପ୍ରକଳ୍ପଗୁଡ଼ିକ ଦ୍ରୁତ ଗତିରେ ନିର୍ମିତ ହେଉଛି । ଡାଟା ସେଣ୍ଟରଗୁଡ଼ିକୁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଆବଶ୍ୟକ ହେଉଥିବାରୁ ଯଦି ନବୀକରଣଯୋଗ୍ୟ ଶକ୍ତି ସେମାନଙ୍କ ପାଖରେ ନପହଞ୍ଚେ, ତେବେ ବାଧ୍ୟ ହୋଇ କୋଇଲା ଭିତ୍ତିକ ତାପଜ ଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିବ । ଏହା ଦ୍ୱାରା ଭାରତର ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାର ଲକ୍ଷ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେବ ।

ଡାଟା ସେଣ୍ଟରଗୁଡ଼ିକ କେବଳ ବିଦ୍ୟୁତ୍ ଏବଂ ଜଳ ଖର୍ଚ୍ଚ କରନ୍ତି ନାହିଁ, ବରଂ ପ୍ରଚୁର ପରିମାଣରେ ଉତ୍ତାପ ମଧ୍ୟ ସୃଷ୍ଟି କରନ୍ତି । ମାର୍ଚ୍ଚ ୨୦୨୬ ରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାସାର ୨୦ ବର୍ଷର ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଡାଟା ସେଣ୍ଟରଗୁଡ଼ିକ ସେମାନଙ୍କର ୧୦ କିଲୋମିଟର ପରିଧି ମଧ୍ୟରେ ଭୂପୃଷ୍ଠ ତାପମାତ୍ରାକୁ ହାରାହାରି ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି କରିଥାନ୍ତି ଏବଂ କେତେକ ଚରମ କ୍ଷେତ୍ରରେ ଏହା ୯.୧ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ବିଶ୍ୱସ୍ତରରେ ପ୍ରାୟ ୩୪୦ ନିୟୁତ ଲୋକ ଏହି ପ୍ରଭାବିତ ଅଞ୍ଚଳରେ ବାସ କରୁଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହା କୌଣସି ଦୂରବର୍ତ୍ତୀ ସମସ୍ୟା ନୁହେଁ । ସହରୀକରଣ ଏବଂ ଉତ୍ତାପ ଧରିରଖୁଥିବା ଭିତ୍ତିଭୂମି କାରଣରୁ ମୁମ୍ବାଇର ଭୂପୃଷ୍ଠ ତାପମାତ୍ରା ୨୦୦୩ ମସିହାରେ ୪୦.୯ ଡିଗ୍ରୀ ସେଲସିୟସରୁ ବୃଦ୍ଧି ପାଇ ୨୦୨୩ ରେ ୪୭.୩ ଡିଗ୍ରୀ ସେଲସିୟସରେ ପହଞ୍ଚିସାରିଛି । ହାଇଦ୍ରାବାଦର ସହରାଞ୍ଚଳ ୨୦୦୧ ରୁ ୨୦୨୦ ମଧ୍ୟରେ ଦ୍ୱିଗୁଣିତ ହୋଇଥିବା ବେଳେ ଏହାର ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ଇଣ୍ଟେନ୍ସିଟି ୫.୭୪ ଡିଗ୍ରୀରୁ ୬.୮୨ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିଛି ଏବଂ ୨୦୨୪ ଗ୍ରୀଷ୍ମ ଋତୁରେ ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରେକର୍ଡ କରାଯାଇଥିଲା । ଏହା ଏକ ଭୟଙ୍କର ଫିଡବ୍ୟାକ୍ ଲୁପ୍ ବା ଚକ୍ର ସୃଷ୍ଟି କରୁଛି । ଡାଟା ସେଣ୍ଟରଗୁଡ଼ିକ ଉତ୍ତାପ ସୃଷ୍ଟି କରନ୍ତି, ଯାହା ପରିବେଶର ତାପମାତ୍ରାକୁ ବୃଦ୍ଧି କରେ । ବର୍ଦ୍ଧିତ ତାପମାତ୍ରା ଯୋଗୁଁ କୁଲିଂ ବା ଥଣ୍ଡା କରିବାର ଚାହିଦା ବଢ଼େ, ଯାହା ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରାଏ । ଯଦି ଏହି ବିଦ୍ୟୁତ୍ ସମ୍ପୂର୍ଣ୍ଣ ରୂପେ ନବୀକରଣଯୋଗ୍ୟ ଶକ୍ତିରୁ ନଆସେ, ତେବେ ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି ପାଏ ଏବଂ ଏହି ନିର୍ଗମନ ପୁନର୍ବାର ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରି ଭାରତକୁ ଅଧିକ ଉତ୍ତପ୍ତ କରିଥାଏ ।

ଏହି ସବୁ ସମସ୍ୟା ସତ୍ତ୍ୱେ ବିଭିନ୍ନ ରାଜ୍ୟର ଡାଟା ସେଣ୍ଟର ନୀତିଗୁଡ଼ିକ ବିଦ୍ୟୁତ୍ ଶୁଳ୍କ ଛାଡ଼, ଟ୍ରାନ୍ସମିସନ୍ ଚାର୍ଜ ଛାଡ଼, ଷ୍ଟାମ୍ପ ଡ୍ୟୁଟି ରିହାତି ଏବଂ ଦ୍ରୁତ କ୍ଲିୟରାନ୍ସ ଭଳି ଅନେକ ଆକର୍ଷଣୀୟ ସୁବିଧା ପ୍ରଦାନ କରୁଛନ୍ତି, କିନ୍ତୁ ଏହା ବଦଳରେ କୌଣସି କଠୋର ସର୍ତ୍ତ ଲାଗୁ କରୁନାହାନ୍ତି । ପ୍ରମୁଖ ରାଜ୍ୟଗୁଡ଼ିକର ନୀତିରେ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଗ୍ରିଡ୍ ଇମ୍ପାକ୍ଟ ଆସେସମେଣ୍ଟ, ବାଧ୍ୟତାମୂଳକ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର କିମ୍ବା ଆଖପାଖ ଅଞ୍ଚଳ ପାଇଁ ଥର୍ମାଲ୍ ଲୋଡ୍ ମୂଲ୍ୟାୟନ ଭଳି କୌଣସି ନିୟମ ନାହିଁ । ତେଲେଙ୍ଗାନାର ନୀତି ସବୁଠାରୁ ଆଶ୍ଚର୍ଯ୍ୟଜନକ। ଏହା ଡାଟା ସେଣ୍ଟରଗୁଡ଼ିକୁ ଅତ୍ୟାବଶ୍ୟକ ସେବା ଶ୍ରେଣୀଭୁକ୍ତ କରି ବିଦ୍ୟୁତ୍ କାଟ୍ ସମୟରେ ମଧ୍ୟ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣର ଗ୍ୟାରେଣ୍ଟି ଦେଉଛି । ଯେଉଁ ରାଜ୍ୟର ୧୬ଟି ଜିଲ୍ଲା ଜଳ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ ତାପମାତ୍ରା ୪୭ ଡିଗ୍ରୀ ଛୁଇଁଛି, ସେଠାରେ ଏଭଳି ନୀତିଗତ ନିଷ୍ପତ୍ତିର ପରିଣାମ ଭୟାବହ ହୋଇପାରେ । ମହାରାଷ୍ଟ୍ର ନିଜର ପ୍ରାରମ୍ଭିକ ନୀତିରେ ଡାଟା ସେଣ୍ଟରଗୁଡ଼ିକ ପାଇଁ ୧୦୦ ପ୍ରତିଶତ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲା, କିନ୍ତୁ ଜୁନ୍ ୨୦୨୬ ରେ ପ୍ରକଳ୍ପଗୁଡ଼ିକର ବ୍ୟବସାୟିକ ସୁବିଧା ଦର୍ଶାଇ ଏହାକୁ ୫୧ ପ୍ରତିଶତକୁ ହ୍ରାସ କରିଦେଲା । ଗୁଜରାଟର ନୂତନ ଡାଟା ସେଣ୍ଟର ନୀତି ୨୦୨୬-୨୯ ଅତିକମରେ ୫୧ ପ୍ରତିଶତ ସବୁଜ ଶକ୍ତି ବ୍ୟବହାରକୁ ବାଧ୍ୟତାମୂଳକ କରିଛି । ମାର୍ଚ୍ଚ ୨୦୨୬ ରେ କର୍ଣ୍ଣାଟକର ଆଇଟି ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ ଯେ ଜଳ ଏବଂ ଶକ୍ତି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜର ନୀତିର ସମୀକ୍ଷା କରୁଛନ୍ତି । ତାମିଲନାଡୁ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ସହିତ ରିହାତିକୁ ଯୋଡ଼ିଛି, କିନ୍ତୁ ଏହା କେବଳ ଏକ ବ୍ୟତିକ୍ରମ । ଯେଉଁଠାରେ ନିୟମ ରହିଛି, ସେଠାରେ ମଧ୍ୟ ଏହାର କାର୍ଯ୍ୟକାରିତା ଏବଂ ତଦାରଖ ଅତ୍ୟନ୍ତ ଦୁର୍ବଳ ରହିଛି।

ଭାରତର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଡାଟା ସେଣ୍ଟରଗୁଡ଼ିକର ଏହି ଅତିରିକ୍ତ ଚାହିଦାକୁ ପୂରଣ କରିପାରିବ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଦର୍ଶାଇଛି । ମୂଳ ସମସ୍ୟା ଉତ୍ପାଦନ କ୍ଷମତାରେ ନାହିଁ, ବରଂ ବଜାରର ଢାଞ୍ଚା ଏବଂ ଟ୍ରାନ୍ସମିସନ୍ ଭିତ୍ତିଭୂମିରେ ରହିଛି । ପ୍ରତୀକ ଅଗ୍ରୱାଲ ଯୁକ୍ତି ବାଢ଼ିଛନ୍ତି ଯେ ଭାରତକୁ ଜଳବାୟୁ-ଅନୁକୂଳ ପାୱାର୍ ମାର୍କେଟ୍ ଦରକାର ଯେଉଁଠାରେ ଗ୍ରିଡ୍ ସେବାଗୁଡ଼ିକର ମୂଲ୍ୟ ପୃଥକ୍ ଭାବରେ ନିର୍ଦ୍ଧାରଣ କରାଯିବ ଏବଂ ସ୍ୱଳ୍ପକାଳୀନ ବଜାରଗୁଡ଼ିକ ରାମ୍ପିଂ, ଷ୍ଟୋରେଜ୍ ଏବଂ ଡିମାଣ୍ଡ ରେସପନ୍ସ ପାଇଁ ଅର୍ଥ ପ୍ରଦାନ କରିବେ । ଏମ୍ବରର ବିଶ୍ଳେଷଣ ଅନୁଯାୟୀ, ନବୀକରଣଯୋଗ୍ୟ ପୁଲିଂ ଷ୍ଟେସନଗୁଡ଼ିକରେ ବ୍ୟାଟେରୀ ଷ୍ଟୋରେଜ୍ ବ୍ୟବସ୍ଥା ଏକ ତୁରନ୍ତ ସମାଧାନ ହୋଇପାରିବ । ସେମାନଙ୍କ ହିସାବ ଅନୁଯାୟୀ ପ୍ରାୟ ୩ ରୁ ୪ ଗିଗାୱାଟର ଦୁଇ ଘଣ୍ଟିଆ ଷ୍ଟୋରେଜ୍ ବ୍ୟବସ୍ଥା ୨୦୨୬ ର ଆରମ୍ଭରେ ନଷ୍ଟ ହୋଇଥିବା ଅଧିକାଂଶ ଶକ୍ତିକୁ ସଞ୍ଚୟ କରିପାରିଥାନ୍ତା। ବୈଷୟିକ ଜ୍ଞାନକୌଶଳ ଉପଲବ୍ଧ ଥିଲେ ମଧ୍ୟ ନିୟାମକ ଏବଂ ବାଣିଜ୍ୟିକ ସ୍ତରରେ ବ୍ୟବଧାନ ରହିଛି । ଆଇଇଇଏଫଏ ପରାମର୍ଶ ଦେଇଛି ଯେ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଡାଟା ସେଣ୍ଟର ପାଇଁ ଅଧିକ ଉପଯୋଗୀ ହୋଇପାରିବ, କାରଣ ସେଠାରେ ପବନ ଏବଂ ସୌର ଶକ୍ତିର ସୁବିଧା ରହିବା ସହିତ ଡିସାଲିନେସନ୍ ବିନା କୁଲିଂ ପାଇଁ ସମୁଦ୍ର ଜଳର ବ୍ୟବହାର କରାଯାଇପାରିବ । କିନ୍ତୁ ବର୍ତ୍ତମାନ ଅଧିକାଂଶ ଡାଟା ସେଣ୍ଟର ମୁମ୍ବାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର) ଭଳି ପାରମ୍ପରିକ ଟେକ୍ ହବ୍ ଆଖପାଖରେ କେନ୍ଦ୍ରୀଭୂତ ହେଉଛନ୍ତି, ଯେଉଁଠାରେ ଜଳ ଏବଂ ଗ୍ରିଡ୍ ସଙ୍କଟ ସବୁଠାରୁ ଅଧିକ ରହିଛି ।

ଏହି ସମସ୍ୟାର ସମାଧାନ ପାଇଁ ଏକ ଜାତୀୟ ସ୍ଥାୟୀତ୍ୱ ରୂପରେଖ ବା ନ୍ୟାସନାଲ୍ ସସଟେନେବିଲିଟି ଫ୍ରେମୱାର୍କର ଆବଶ୍ୟକତା ରହିଛି । ଏହା ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର, ଜଳ ଖର୍ଚ୍ଚର ସାର୍ବଜନୀନ ପ୍ରକାଶ, ଗ୍ରିଡ୍ ଇମ୍ପାକ୍ଟ ଆସେସମେଣ୍ଟ ଏବଂ ଥର୍ମାଲ୍ ଲୋଡ୍ ମୂଲ୍ୟାୟନ ପାଇଁ ସର୍ବନିମ୍ନ ମାନକ ସ୍ଥିର କରିବ । ଏହା ନିବେଶକମାନଙ୍କ ପାଇଁ ଏକ ସାଧାରଣ ନିୟମାବଳୀ ଏବଂ ଗ୍ରାହକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରିବ । ଏହା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ପରିବେଶଗତ ପ୍ରତିବନ୍ଧକଗୁଡ଼ିକ ପ୍ରକୃତରେ ଅର୍ଥନୈତିକ ପ୍ରତିବନ୍ଧକ ଅଟେ ଏବଂ ଏଗୁଡ଼ିକୁ ଅଣଦେଖା କଲେ ଭବିଷ୍ୟତରେ ଏହାର ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିବ । ଡାଟା ସେଣ୍ଟରଗୁଡ଼ିକ ଭାରତର ଡିଜିଟାଲ୍ ଭବିଷ୍ୟତ ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ଅଟେ ଏବଂ ଏହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ପ୍ରଶ୍ନ ଏହା ନୁହେଁ ଯେ ଭାରତ ଏଗୁଡ଼ିକୁ ନିର୍ମାଣ କରିବ କି ନାହିଁ, ବରଂ ଏଗୁଡ଼ିକ ନିଶ୍ଚିତ ଭାବରେ ନିର୍ମାଣ ହେବ । କିନ୍ତୁ ଦେଖିବାକୁ ବାକି ରହିଲା ଯେ ଏଗୁଡ଼ିକ ଭାରତର ଜଳ, ପାୱାର୍ ଗ୍ରିଡ୍ ଏବଂ ଜଳବାୟୁକୁ ସୁରକ୍ଷିତ ରଖିବା ଢଙ୍ଗରେ ନିର୍ମାଣ ହେବ ନା ଭବିଷ୍ୟତ ପିଢ଼ିକୁ ଏହାର ଭାରି ମୂଲ୍ୟ ଦେବାକୁ ଛାଡ଼ିଦିଆଯିବ ।

# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ



## କାଳିଦାସ

‘ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ’ ।

ଭଗବତ ଗୀତା ୪: ୯

ଯେଉଁମାନେ ମୋର ଜନ୍ମ ଓ କର୍ମର ଦିବ୍ୟତାକୁ ବୁଝିପାରନ୍ତି, ହେ ଅର୍ଜୁନ ! ସେମାନେ ଶରୀର ତ୍ୟାଗ ପରେ, ପୁନର୍ବାର ଜନ୍ମ ଗ୍ରହଣ ନକରି, ମୋର ଦିବ୍ୟଧାମକୁ ଆସିଥାନ୍ତି ।

ଭଗବାନଙ୍କର ଶହ ଶହ ଅବତାର ମଧ୍ୟରୁ ଆମେ କେବଳ ୧୦ଟି ଅବତାରକୁ ସ୍ମରଣ କରି ଥାଉ। ଏହା ଭିତରୁ ମୁଖ୍ୟ ହେଲା କୃଷ୍ଣ ଅବତାର।

ବିବର୍ତ୍ତନବାଦ୍‌କୁ ଆଧାର କରି ସତେ ଯେମିତି ଅବତାର ଗୁଡ଼ିକ ଜନ୍ମ ନେଇଛନ୍ତି। ପ୍ରଥମ ଅବତାର ମତ୍ସ୍ୟ ବିବର୍ତ୍ତନ ବାଦରେ ମାଛର ସୃଷ୍ଟି ପ୍ରଥମେ ବୋଲି ମାନ୍ୟତା ରହିଛି। ଶ୍ରୀ କୃଷ୍ଣ ଅବତାର ଏକ ଶ୍ରେଷ୍ଠ ଅବତାର। ଶ୍ରୀ କୃଷ୍ଣଙ୍କୁ ଅନେକ ଅବତରି ବୋଲି ମାନିଥାନ୍ତି।

ଶ୍ରୀକୃଷ୍ଣଙ୍କ ପାଖରେ ଅନେକ ଦୈବୀ ଗୁଣକୁ ଲକ୍ଷ କରାଯାଇଅଛି। ଅନେକ ଚମତ୍କାର ଘଟଣା ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଦେଖାଇଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କୁ ସେଥିପାଇଁ ଶ୍ରେଷ୍ଠ ବୋଲି କୁହାଯାଏ।

ଯେତେବେଳେ ସୃଷ୍ଟିରେ ଅରାଜକତା ଓ ପାପ ବଢ଼ିଥାଏ। ଧର୍ମର ଯେତେବେଳେ ଗ୍ଲାନି ହୁଏ, ସେତେବେଳେ ଧର୍ମାତ୍ମାକୁ ରକ୍ଷା କରିବା ପାଇଁ ଭଗବାନ ଅବତାର ଗ୍ରହଣ କରିଥାନ୍ତି।

ଶ୍ରୀ କୃଷ୍ଣଙ୍କ ଅବତାରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅନେକ ଚମତ୍କାର କରିବା ଦେଖାଯାଇଛି। ଜେଲର କବାଟ ଆପେ ଆପେ ଖୋଲି ଯାଉଛି। ପ୍ରଭୁ ଶ୍ରୀ କୃଷ୍ଣ ଜନ୍ମ ହେବା ସମୟ ରେଜେଲର ଜଗୁଆଳଙ୍କୁ ନିଦ ଘାରିଛି। ମାତା ଦେବକୀ ଓ ବାସୁଦେବଙ୍କ ହାତ ଓ ଗୋଡ ରେ ବନ୍ଧା ଯାଇଥିବା ଲୁହା ଶିକୁଳି ଖୋଲି ଯାଇଛି। ବଢ଼ି ଆସିଥିବା ଜମୁନା ପାଣି ଦୁଇଭାଗ ହୋଇ ବସୁଦେବଙ୍କୁ ରାସ୍ତା ଦେଇଛି ଏବଂ ବସୁଦେବ ସଫଳ ଭାବରେ ଭଗବାନ ଶ୍ରୀ କୃଷ୍ଣଙ୍କୁ ନନ୍ଦ ରାଜାଙ୍କ ଘରେ ଛାଡି ପାରିଛନ୍ତି ଓ ନନ୍ଦ ଓ ଯଶୋଦାଙ୍କ ଝିଅକୁ ନେଇ ଆସି ପାରିଛନ୍ତି।

ଏହା ପରେ ବିଭିନ୍ନ ରାକ୍ଷସ ଓ ରାକ୍ଷାସୀଙ୍କର ନନ୍ଦ ଗାଁକୁ ଆକ୍ରମଣ ଓ ଏହି ଆକ୍ରମଣ କୁ ଅସଫଳ କରି ପାରିବା ସମସ୍ତ ଚମତ୍କାର ଅଟେ। ଭଗବାନ ଶ୍ରୀ କୃଷ୍ଣଙ୍କ ମହିମାକୁ ବର୍ଣ୍ଣନା କରିବା ବା ଭଗବାନ ଶ୍ରୀ କୃଷ୍ଣଙ୍କୁ ବୁଝିବା ପାଇଁ ସାଧାରଣ ମଣିଷ ର ମସ୍ତିଷ୍କରେ ଶକ୍ତି ନାହିଁ।

କୃଷ୍ଣ ପକ୍ଷର ଅଷ୍ଟମୀ ଦିନ ରାତିରେ ଭଗବାନ ଶ୍ରୀ କୃଷ୍ଣ ଜନ୍ମ ହୋଇଛନ୍ତି।ଜନ୍ମ ହେବା ପରେ ପରେ ହିଁ ଭଗବାନ ଶ୍ରୀ କୃଷ୍ଣଙ୍କୁ ମାରିବା ପାଇଁ ଉଦ୍ୟମ ହୋଇଛି। ପୁତନା ରାକ୍ଷାସୀ ପ୍ରଥମେ ଚେଷ୍ଟା କରିଛି ଭଗବାନଙ୍କୁ ମୃତ୍ୟୁ ମୁହଁକୁ ଠେଲିଦେବା ପାଇଁ କିନ୍ତି ଜନ୍ମ ଓ ମୃତ୍ୟୁ ଯାହାର ଖେଳ ଘର ତାକୁ ମୃତ୍ୟୁର ଭୟ ଦେଖାଇବା ସହଜନୁହେଁ।

ଭଗବାନ ନିଜ ଲିଳା ସହିତ ମାନବ ସମାଜକୁ ଜୀବନର ଦର୍ଶନ ପଢ଼ାଇଛନ୍ତି।

ହିନ୍ଦୁ ଧର୍ମର ଧର୍ମ ଗ୍ରନ୍ଥ ଶ୍ରୀମଦ ଭଗବତ ଗୀତା ଭଗବାନ ଶ୍ରୀ କୃଷ୍ଣଙ୍କ ମୁଖର ବାଣୀ। ଭଗବାନ ଶ୍ରୀକୃଷ୍ଣ ମହାନ ଚରିତ୍ରକୁ ଆମେ ଭାଗବତମ ଓ ମହାଭାରତର ପୃଷ୍ଠାରେ ପାଇ ଥାଉ। ପଞ୍ଚୁ ପାଣ୍ଡବ ଓ ଦ୍ରୋପଦୀଙ୍କୁ ସବୁବେଳେ ଭଗବାନ ଶ୍ରୀ କୃଷ୍ଣଙ୍କ ସାହାଯ୍ୟ ମିଳିଛି।

ଯୋଗ ଓ ତ୍ୟାଗ ଦୁଇଟି ଯାକର ସମନ୍ୱୟ ହେଉଛନ୍ତି ଭଗବାନ ଶ୍ରୀ କୃଷ୍ଣ। ଶତାବ୍ଦୀ ଶତାବ୍ଦୀ ଧରି ଯୋଗୀ ଓ ସନ୍ୟାସୀ ଭଗବାନ ଶ୍ରୀ କୃଷ୍ଣକୁ ଉପାସନା କରିଛନ୍ତି। କୃଷ୍ଣଙ୍କ ସାନ୍ନିଧ ପାଇବା ପାଇଁ ଚାହିଁଛନ୍ତି।

ଭଗବାନ ଶ୍ରୀକୃଷ୍ଣ ଭାରତୀୟ ସଂସ୍କୃତିର ଯେପରି ମେରୁଦଣ୍ଡ।

ବୃନ୍ଦାବନର ସରଳ ଜୀବନ ଯାପନ, ମଥୁରାରେ କଂସ ଓ ଅନ୍ୟ ରାକ୍ଷସଙ୍କୁ ଦମନ କରିବା, ଜରାସନ୍ଧର ବାରମ୍ବାର ଆକ୍ରମଣରୁ ମଥୁରା ବାସୀଙ୍କୁ ସୁରକ୍ଷା ଦେବାପାଇଁ ଦ୍ୱାରକାର ସ୍ଥାପନ କେବଳ ଭଗବାନ ଶ୍ରୀ କୃଷ୍ଣଙ୍କ ଦ୍ୱାରା ସମ୍ଭବ। ଶ୍ରୀ କୃଷ୍ଣଙ୍କ ଅବତାରକୁ ଏକ ସମ୍ପୂର୍ଣ୍ଣ ଅବତାର ମଧ କୁହାଯାଏ। ମହାଭାରତର ଯୁଦ୍ଧ ଭୂମିରେ ବିଚଳିତ ଅର୍ଜ୍ଜୁନଙ୍କୁ ବୁଝାଇବା ପାଇଁ ୧୮ ଅଧ୍ୟାୟ ଭାଗବତ ଗୀତାର ବ୍ୟାଖ୍ୟା କେବଳ ଭଗବାନ ଶ୍ରୀ କୃଷ୍ଣଙ୍କ ଦ୍ୱାରା ସମ୍ଭବ। ଶେଷରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି ଯେ ‘ଯଥା ଇଚ୍ଛା ତଥା କୁରୁ’ ଏହାର ଅର୍ଥ ହେଲା ଏସବୁ ଶୁଣିଲା ପରେ ଯାହା ତୁମର ଇଚ୍ଛା ତାହା କର। ଅର୍ଜ୍ଜୁନ ଶ୍ରୀ କୃଷ୍ଣଙ୍କ ବିଶ୍ୱ ରୂପ ଦର୍ଶନ ସହିତ ନିଜର ନଗନ୍ୟ ଅସ୍ତିତ୍ୱକୁ ବୁଝି ଛନ୍ତି ଏବଂ ଭଗବାନ କୃଷ୍ଣଙ୍କୁ ଅର୍ଜୁନ କ୍ଷମା ମାଗିଛନ୍ତି ଓ କହିଛନ୍ତି ଯେ ସଖା ଭାବରେ ଅନେକ ସମୟରେ ଆପଣଙ୍କୁ ଅନେକ କିଛି କହିଛି, ଆପଣ ଯେ ଏତେ ମହାନ ଆଜି ମୁଁ ଜାଣୁଛି। ଆପଣଙ୍କ ମହିମା ସାଧାରଣ ଲୋକଙ୍କୁ ଅଗୋଚର। ଏହା ପରେ ମହାଭାରତ ଓ ଯୁଦ୍ଧ ପାଇଁ ଅର୍ଜ୍ଜୁନ ପ୍ରସ୍ତୁତ ହୋଇଛନ୍ତି।

ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀକୁ ସମଗ୍ର ଭାରତରେ ବେଶ୍ ହର୍ଷ ଉଲ୍ଲାସରେ ପାଳନ କରାଯାଏ।

ପୁରୀରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଜନ୍ମାଷ୍ଟମୀ ଅବସର ରେ ସ୍ନାନ କରାଯାଏ ଏବଂ ନୂତନ ବସ୍ତ୍ର ପିନ୍ଧା ଯାଏ। ଶ୍ରୀ କୃଷ୍ଣଙ୍କର ବାଳ ଲୀଳାକୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଶଣ କରାଯାଏ। ଜନ୍ମାଷ୍ଟମୀ ଦିନ ପ୍ରାୟ ଭକ୍ତମାନେ ଉପବାସ କରିଥାନ୍ତି। ରାତିରେ ଶ୍ରୀ କୃଷ୍ଣଙ୍କୁ ପୂଜା କରି ପ୍ରସାଦ ସେବନ କରିଥାନ୍ତି। ଜନ୍ମାଷ୍ଟମୀ ପର ଦିନ ନନ୍ଦ ଉତ୍ସବ ହୁଏ। ପ୍ରତ୍ୟେକଙ୍କ ଘରେ ଉତ୍ସବ ମୁଖରିତ ହୋଇଥାଏ।



+ ବ୍ରହ୍ମପୁର
ଖୋଡାସିଂଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

# ଯେଉଁ ରାତିରେ କୃଷ୍ଣ ଜନ୍ମ ନେଲେ, ସେହି ରାତିରେ ଆଶା ଜନ୍ମ ନେଲା



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଅନ୍ଧାର ରାତି ଥିଲା। ମଥୁରାର କାରାଗାରରେ ବନ୍ଦୀ ଥିଲେ ଦେବକୀ ଓ ବସୁଦେବ। ଚାରିଆଡ଼େ ଭୟ, ଅତ୍ୟାଚାର ଓ ନିରାଶାର ପରିବେଶ। କିନ୍ତୁ ସେହି ଗଭୀର ଅନ୍ଧକାରର ଛାତି ଚିରି ଯେତେବେଳେ ଶ୍ରୀକୃଷ୍ଣ ଜନ୍ମ ନେଲେ, ସେତେବେଳେ କେବଳ ଜଣେ ଶିଶୁ ଜନ୍ମ ନେଇନଥିଲେ—ଜନ୍ମ ନେଇଥିଲା ଆଶା, ଜନ୍ମ ନେଇଥିଲା ସାହସ, ଜନ୍ମ ନେଇଥିଲା ଧର୍ମର ବିଜୟର ଏକ ଅମର ବିଶ୍ୱାସ। ସେଥିପାଇଁ ଜନ୍ମାଷ୍ଟମୀ କେବଳ ଏକ ପର୍ବ ନୁହେଁ; ଏହା ମଣିଷର ଅନ୍ତରରେ ଆଲୋକ ଜାଗିଉଠିବାର ଏକ ପବିତ୍ର ମୁହୂର୍ତ୍ତ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ଆସିଲେ ଆମ ଘରେ ଘରେ କାହ୍ନାଙ୍କ ଆଗମନ ପାଇଁ ପ୍ରସ୍ତୁତି ହୁଏ। କେଉଁଠି ଶଙ୍ଖ ବାଜେ, କେଉଁଠି ହରିନାମ ଶୁଭେ, କେଉଁଠି ଛୋଟ ଶିଶୁଟିଏ କୃଷ୍ଣ ବେଶରେ ହସୁଥାଏ, ଆଉ କେଉଁଠି ମାଆ ନିଜ ହାତରେ କାହ୍ନାଙ୍କ ପାଇଁ ନୈବେଦ୍ୟ ସଜାଉଥାଏ। ଏହି ସବୁ ଦୃଶ୍ୟ କେବଳ ଉତ୍ସବର ନୁହେଁ; ଏହା ଆମ ସଂସ୍କୃତି, ଆମ ପରିବାର, ଆମ ସ୍ମୃତି ଓ ଆମ ଭକ୍ତିର ଚିତ୍ର। କୃଷ୍ଣଙ୍କୁ ଆମେ କେତେ ରୂପରେ ଦେଖୁ—ଯଶୋଦାଙ୍କ ନଟଖଟ ଲାଲ, ଗୋପାଳମାନଙ୍କ ସାଙ୍ଗ, ଗୋପୀମାନଙ୍କ ପ୍ରାଣର କାହ୍ନା, ଗୋବର୍ଦ୍ଧନଧାରୀ, କଂସବିନାଶକ, ଦ୍ୱାରକାଧୀଶ ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସାରଥୀ। କିନ୍ତୁ ଏହି ସମସ୍ତ ରୂପର ପଛରେ ଥିବା କୃଷ୍ଣ ହେଉଛନ୍ତି ମଣିଷ ଜୀବନର ମହାନ ଶିକ୍ଷକ। ତାଙ୍କ ଜୀବନ ଆମକୁ ଶିଖାଏ—ପରିସ୍ଥିତି ଯେତେ କଠିନ ହେଉ, ନିଜ କର୍ତ୍ତବ୍ୟରୁ ପଛକୁ ହଟିବା ନୁହେଁ। ଏହି ଶିକ୍ଷା ଆଜିର ଛାତ୍ରଛାତ୍ରୀଙ୍କ ପାଇଁ ବୋଧହୁଏ ଆହୁରି ଆବଶ୍ୟକ। ଆଜିର ଜଣେ ଛାତ୍ରର କୁରୁକ୍ଷେତ୍ର କେବେ ପରୀକ୍ଷା ହଲ୍?, କେବେ ପ୍ରତିଯୋଗିତାର ମଞ୍ଚ, କେବେ ଭବିଷ୍ୟତକୁ ନେଇ ଭୟ, ଆଉ କେବେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବାର ଅଦୃଶ୍ୟ ଯୁଦ୍ଧ। ଜଣେ ଛାତ୍ର ଭଲ ନମ୍ବର ନପାଇଲେ ନିଜକୁ ବିଫଳ ଭାବିଥାଏ, ଅନ୍ୟଜଣେ ଅନ୍ୟର ସଫଳତା ଦେଖି ନିଜ ସ୍ୱପ୍ନକୁ ଛୋଟ ଭାବିବା ଆରମ୍ଭ କରେ। କେହି ପରୀକ୍ଷାର ଫଳକୁ ନେଇ ଭୟ କରେ, କେହି ଚାକିରିକୁ ନେଇ ଚିନ୍ତିତ, କେହି ପରିବାରର ଆଶା ପୂରଣ କରିପାରିବ କି ନାହିଁ ବୋଲି ରାତିରେ ନିଦ ହରାଏ। ଏମିତି ପ୍ରତ୍ୟେକ ମନ ପାଇଁ ଗୀତାର କୃଷ୍ଣ ଆଜି ମଧ୍ୟ ଏକ ଶାନ୍ତ ସ୍ୱରରେ କହୁଛନ୍ତି—ତୁମ ହାତରେ ଅଛି ପରିଶ୍ରମ, ତୁମ ହାତରେ ଅଛି ସତ୍ୟନିଷ୍ଠା, ତୁମ ହାତରେ ଅଛି ଆଜିର କର୍ତ୍ତବ୍ୟ; ଫଳକୁ ନେଇ ଭୟ କରନାହିଁ। ଏହାର ଅର୍ଥ ଫଳକୁ ଅବହେଳା କରିବା ନୁହେଁ; ବରଂ ଫଳର ଭୟକୁ ନିଜ ପରିଶ୍ରମଠାରୁ ବଡ଼ ହେବାକୁ ନଦେବା। ଯେଉଁ ଛାତ୍ର ଆଜି ବିଫଳ ହୋଇଛି, ତା’ପାଇଁ କୃଷ୍ଣଙ୍କ ସନ୍ଦେଶ—ଏକ ପରୀକ୍ଷାର ଫଳ ତୁମ ସମଗ୍ର ଜୀବନର ପରିଚୟ ନୁହେଁ। ଆଜି ଯେଉଁ ଦ୍ୱାର ବନ୍ଦ ଲାଗୁଛି, କାଲି ତାହାଠାରୁ ଭଲ ଏକ ଦ୍ୱାର ଖୋଲିପାରେ। ତେଣୁ ହାରିଯିବା ନୁହେଁ, ଆଉଥରେ ଉଠିବା ହିଁ କୃଷ୍ଣଙ୍କ ପଥ। ଆଜିର ଯୁବପିଢ଼ି ପାଇଁ କୃଷ୍ଣଙ୍କ ଆଉ ଏକ ବଡ଼ ଶିକ୍ଷା ହେଉଛି—ନିଜକୁ ଅନ୍ୟ ସହିତ ତୁଳନା କରନାହିଁ। ପ୍ରତ୍ୟେକ ମଣିଷର ଜୀବନର ରାସ୍ତା ଅଲଗା। କେହି ଶୀଘ୍ର ସଫଳ ହୁଏ, କେହି ଦେରିରେ; କେହିଙ୍କ ପଥ ସରଳ, କେହିଙ୍କ ପଥ କଣ୍ଟକିତ। କିନ୍ତୁ ମୂଲ୍ୟ ନିର୍ଣ୍ଣୟ ହୁଏ ଯାତ୍ରାର ଦୀର୍ଘତାରେ ନୁହେଁ, ଯାତ୍ରାର ସତ୍ୟତାରେ। ଶ୍ରୀକୃଷ୍ଣ ଓ ସୁଦାମାଙ୍କ ମିତ୍ରତା ଆମକୁ ଶିଖାଏ ଯେ ସତ୍ୟ ସମ୍ପର୍କର ମାପ ଧନ, ପଦବୀ କିମ୍ବା ପ୍ରତିଷ୍ଠା ନୁହେଁ; ମାପ ହେଉଛି ହୃଦୟ। ଆଜି ଯେତେବେଳେ ସୋସିଆଲ ମିଡିଆରେ ଅନ୍ୟର ଚମକୁଥିବା ଜୀବନ ଦେଖି ଅନେକ ଯୁବକଯୁବତୀ ନିଜ ଜୀବନକୁ ଅପୂର୍ଣ୍ଣ ଭାବୁଛନ୍ତି, ସେତେବେଳେ କୃଷ୍ଣଙ୍କ ଜୀବନ ଆମକୁ ମନେ ପକାଏ—ଦେଖାଯାଉଥିବା ସଫଳତା ହିଁ ଜୀବନର ସମଗ୍ର ସତ୍ୟ ନୁହେଁ। ମନର ଶାନ୍ତି, ଚରିତ୍ରର ଦୃଢ଼ତା, ଭଲ ମଣିଷ ହେବାର ସନ୍ତୋଷ—ଏଗୁଡ଼ିକ ହିଁ ଜୀବନର ପ୍ରକୃତ ସମ୍ପଦ। ଓଡ଼ିଶାର ମାଟିରେ ଏହି କୃଷ୍ଣଭାବନା ଆହୁରି ଗଭୀର, କାରଣ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି। ଏଠାରେ କୃଷ୍ଣ କେବଳ ପୁରାଣର ଚରିତ୍ର ନୁହେଁ; ସେ ଭକ୍ତିର ଅନୁଭବ, ଘରର ଦେବତା, ମାଆର ପ୍ରାର୍ଥନା ଓ ଓଡ଼ିଆ ମନର ଏକ ଅଂଶ। ତେଣୁ ଜନ୍ମାଷ୍ଟମୀର ଦୀପ ଜଳାଇବା ସମୟରେ ଆମେ ନିଜ ଭିତରର ଅନ୍ଧକାରକୁ ମଧ୍ୟ ଦେଖିବା। ଆମ ଭିତରର କ୍ରୋଧ, ଲୋଭ, ଈର୍ଷ୍ୟା ଓ ଅହଂକାର ହିଁ ଆଜିର କଂସ। ତାକୁ ପରାଜିତ କରିବା ପାଇଁ କୌଣସି ଅସ୍ତ୍ର ଦରକାର ନାହିଁ; ଦରକାର ସତ୍ୟ, ସଂଯମ, ପ୍ରେମ ଓ ଆତ୍ମବିଶ୍ୱାସ। ଯେଉଁ ଛାତ୍ର ଭୟକୁ ଜିତି ପୁଣି ପଢ଼ିବାକୁ ବସେ, ଯେଉଁ ଯୁବକ ବିଫଳତା ପରେ ପୁଣି ଚେଷ୍ଟା କରେ, ଯେଉଁ ମଣିଷ ଅନ୍ୟାୟ ଦେଖି ଚୁପ୍ ନରହି ସତ୍ୟ ପାଇଁ ଠିଆ ହୁଏ—ସେହି ମଣିଷର ହୃଦୟରେ ହିଁ କୃଷ୍ଣ ଜନ୍ମ ନିଅନ୍ତି। ଜନ୍ମାଷ୍ଟମୀ ତେଣୁ ଆମକୁ କେବଳ ଅତୀତର ଏକ ଦିବ୍ୟ ଘଟଣା ସ୍ମରଣ କରାଏ ନାହିଁ; ଏହା ପ୍ରତିବର୍ଷ ଆମକୁ ନୂଆ ହେବାର ଅବସର ଦିଏ। ଆମେ ଯେଉଁଠି ଭାଙ୍ଗିଯାଇଛୁ, ସେଠି ଆଶା ଜନ୍ମ ନେଉ; ଯେଉଁଠି ଭୟ ଅଛି, ସେଠି ସାହସ ଜନ୍ମ ନେଉ; ଯେଉଁଠି ଘୃଣା ଅଛି, ସେଠି ପ୍ରେମ ଜନ୍ମ ନେଉ। ମନ୍ଦିରରେ କୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ଆମ ମନରେ ମଧ୍ୟ ଏକ ନୂଆ କୃଷ୍ଣର ଜନ୍ମ ହେଉ—ଏମିତି କୃଷ୍ଣ, ଯିଏ ଆମକୁ ସତ୍ୟ କହିବାର ସାହସ ଦେବେ, ବିଫଳତାରେ ଭାଙ୍ଗିପଡ଼ିବାକୁ ଦେବେ ନାହିଁ, ସଫଳତାରେ ଅହଂକାରୀ ହେବାକୁ ଦେବେ ନାହିଁ ଏବଂ ଅନ୍ୟର ଦୁଃଖରେ ଆମକୁ ନିରବ ରହିବାକୁ ଦେବେ ନାହିଁ। ଏହି ଜନ୍ମାଷ୍ଟମୀରେ ଜଣେ ଛାତ୍ର ଯଦି ନିଜକୁ କହିପାରେ—‘ମୁଁ ମୋର ସର୍ବଶ୍ରେଷ୍ଠ ପ୍ରୟାସ କରିବି’; ଜଣେ ଅଭିଭାବକ ଯଦି ସନ୍ତାନକୁ କହିପାରନ୍ତି—‘ତୁମ ନମ୍ବରଠାରୁ ତୁମେ ଜଣେ ଭଲ ମଣିଷ ହେବା ମୋ ପାଇଁ ବଡ଼’; ଏବଂ ଜଣେ ସମାଜ ଯଦି ନିଷ୍ପତ୍ତି ନିଏ—‘ଆମେ ଦ୍ୱେଷ ନୁହେଁ, ମାନବିକତା ବାଛିବା’, ତେବେ ଏହି ପର୍ବ ସତ୍ୟରେ ସାର୍ଥକ ହେବ। ଯେଉଁ ରାତିରେ କୃଷ୍ଣ କାରାଗାରର ଅନ୍ଧକାରରେ ଜନ୍ମ ନେଇଥିଲେ, ସେହି ରାତି ଆଜି ମଧ୍ୟ ଆମକୁ ଏକ ଅମର ସତ୍ୟ କହେ—ଅନ୍ଧକାର କେତେ ଗଭୀର ହେଲେ ବି, ଆଲୋକର ଜନ୍ମକୁ କେହି ଅଟକାଇପାରେ ନାହିଁ। ତେଣୁ ଏହି ଜନ୍ମାଷ୍ଟମୀରେ କେବଳ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରିବା ନୁହେଁ, ନିଜ ଭିତରେ ଆଶାର ଜନ୍ମ ଦେବା। ନିଜ ଭିତରର କଂସକୁ ହରାଇବା। ନିଜ କର୍ତ୍ତବ୍ୟକୁ ଭଲପାଇବା। ବିଫଳତାକୁ ଭୟ ନକରିବା। ମଣିଷକୁ ଭଲପାଇବା। କାରଣ କୃଷ୍ଣ କେବଳ ମଥୁରାରେ ଜନ୍ମ ନେଇନଥିଲେ; ସେ ପ୍ରତ୍ୟେକ ସେହି ହୃଦୟରେ ଜନ୍ମ ନିଅନ୍ତି, ଯେଉଁଠି ସତ୍ୟ ଅଛି, ପ୍ରେମ ଅଛି, ସାହସ ଅଛି ଏବଂ ଅନ୍ୟର ମଙ୍ଗଳ ପାଇଁ ଧଡ଼କୁଥିବା ଏକ ନିର୍ମଳ ହୃଦୟ ଅଛି। ଏହି ପବିତ୍ର ଜନ୍ମାଷ୍ଟମୀରେ ଆମ ଘର ଆଲୋକିତ ହେଉ, ଆମ ସନ୍ତାନମାନଙ୍କ ସ୍ୱପ୍ନ ଆଲୋକିତ ହେଉ, ଆମ ସମାଜ ମାନବିକତାରେ ଆଲୋକିତ ହେଉ ଏବଂ ଆମ ଅନ୍ତର ଶ୍ରୀକୃଷ୍ଣଙ୍କ ପ୍ରେମରେ ପୂର୍ଣ୍ଣ ହେଉ। ଜୟ ଶ୍ରୀକୃଷ୍ଣ। ଜୟ ଜଗନ୍ନାଥ।



+ମୋ: ୯୪୩୭୯୯୪୩୭୯

## କବିତା କୋଣାର୍କ

### ଜନ୍ମାଷ୍ଟମୀ
### ପ୍ରତିଭା ଦାଶ

ଭାଦ୍ରବ ମାସର ଅନ୍ଧାର ପକ୍ଷରେ
ଅଷ୍ଟମୀ ତିଥି କୃଷ୍ଣ ଜାତ
ନର ବେଶେ ପ୍ରଭୁ ମର୍ତ୍ତ୍ୟକୁ ଆସିଲେ
ପାପ ନାଶ ପାଇଁ ସତ ।
ଦେବକୀ କୋଳରେ
କଂସ ବନ୍ଦୀ ଘରେ
ରାତ୍ରି ଅଧେ ହେଲେ ଜନ୍ମ
ବସୁଦେବ ନେଲେ ନନ୍ଦରାଜ ଘର
ବୋହି ମୁଣ୍ଡେ ଭଗବାନ ।
ଯଶୋଦା ମାତାର ଆଖିର ପିତୁଳା
ଗୋପପୁରେ କଲେ ଲୀଳା
ଯମୁନା କୂଳରେ ବଂଶୀର ସ୍ୱରରେ
ରାଧାଙ୍କ ମନ ବଳିଲା ।
ବାଲ୍ୟ ସମୟରୁ କେତେ ପାପୀଙ୍କର
ନାଶ କରିଲେ ମୁରାରୀ
ଘର ଘର ଯାଇ ଲହୁଣୀ ଅଧମ
ଲୁଚି ଲୁଚି କଲେ ଚୋରୀ ।
ମଥୁରାର ରାଜା କଂସ ମାମୁଁ ତାଙ୍କ
ଡାକିଲେ ଧନୁ ଯାତରେ
ରାଧାକାନ୍ତ ଗଲେ ରାଧାଙ୍କୁ ଯେ ଛାଡ଼ି
ଫେରିଲେ ନି ଆଉ ଥରେ ।
କଂସ ବଧ କରି ଉଦ୍ଧାର କରିଲେ
ବସୁଦେବ ଦେବକୀଙ୍କୁ
ମଥୁରାର ପ୍ରଜା ରାଜ୍ୟ ଭାର ଦେଇ
କରିଲେ ଯେ ରାଜା ତାଙ୍କୁ ।
ମହାଭାରତରେ କର୍ଣ୍ଣଧାର ସାଜି
ହେଲେ ଅର୍ଜ୍ଜୁନ ସାରଥୀ
ଗୀତାଜ୍ଞାନ ଦେଇ ଧର୍ମ ସ୍ଥାପନାରେ
ଯୁଦ୍ଧ ବେଳେ ହେଲେ ସାଥୀ ।
ତାଙ୍କ ଜନ୍ମତିଥି ଜନ୍ମାଷ୍ଟମୀ ରୂପେ
ଦେଶ ସାରା ହୁଏ ପୂଜା
ନରନାରୀ ସବୁ କୃଷ୍ଣଙ୍କ ଦର୍ଶନେ
ପାଆନ୍ତି ଶାନ୍ତିର ମଜା ।
ଉପବାସ ରହି ଦିନସାରା ଭକ୍ତ
କୃଷ୍ଣଙ୍କୁ କରନ୍ତି ଜପ
ରାତ୍ରି ଅଧ ହେଲେ ଉପବାସ ଭାଙ୍ଗି
ଖାଆନ୍ତି ପ୍ରଭୁଙ୍କ ଭୋଗ ।
ଉତ୍ତରପ୍ରଦେଶ ଗୁଜରାଟଠାରେ
ଆଡମ୍ବରରେ ପାଳିତ
ଦହି ହାଣ୍ଡି ଭଙ୍ଗା ପରମ୍ପରା ଆମ
ଏକତାର ଭାବ ଜାତ ।
ଦୁଃଖ ଦୂର ହୁଏ ଶ୍ରୀକୃଷ୍ଣ ଶ୍ରୀକୃଷ୍ଣ
ଜପୁଥିଲେ ଦିନରାତି
ତାଙ୍କ ପାଦପଦ୍ମ ଲାଗଇ ସରଗ
ମୁଣ୍ଡିଆ ମାରିବା ନିତି ।

+ ନୂଆପଡ଼ା
ମୋ: ୭୮୮୪୫୨୮୪୯୩

### ଜନ୍ମାଷ୍ଟମୀ ପରି
### ଜୟନ୍ତ କୁମାର ମଲ୍ଲିକ

ଜନ୍ମାଷ୍ଟମୀ ପରି ପବିତ୍ର ଉତ୍ସବ
ପାଳିବା ସଭିଏଁ ଆସ -
ପ୍ରଭୁ ଆଗମନ ନିମନ୍ତେ ମହକେ
ଏବେତ ଭାଦ୍ରବ ମାସ ।

କଂସ ବନ୍ଦୀଘରେ ଦେବକୀ ଗରଭୁ
ଜନ୍ମିଥିଲେ କୃଷ୍ଣଚନ୍ଦ୍ର -
ଅନ୍ଧାର ରାତିରେ ମୂଷଳ ଧାରାରେ
ବରଷୁ ଥିଲେ ଯେ ଇନ୍ଦ୍ର ।

ପିତା ବସୁଦେବ ମସ୍ତକେ ମୁଣ୍ଡାଇ
ଯମୁନାକୁ ପାରି ହୋଇ -
ନନ୍ଦରାଜା ଘରେ ହୋଇ ଉପସ୍ଥିତ
କୁମରଙ୍କୁ ଦେଲେ ଥୋଇ ।

ସେଠାରୁ ବିଜୁଳି କନ୍ୟାକୁ ଆଣିକି
ଦେବକୀ କୋଳରେ ଦେଇ -
କିଛି ନଜାଣିବା ପରି ନୀରବରେ
ରହିଲେ ନୟନ ଫେଇ ।

ନନ୍ଦଘରେ ଶୋଭା ପାଇଥିଲେ କୃଷ୍ଣ
ସର୍ବେ ହୋଇଥିଲେ ଖୁସି -
ତାଙ୍କୁ ଦେଖିବାକୁ ଦେବାଦେବୀ ସାଥେ
ଆସିଥିଲେ ମୁନି ଋଷି ।

ସାରା ଭାରତରେ ଆଜିର ଦିବସେ
ଭକତିର ଫୁଲ ଫୁଟେ -
ନନ୍ଦ ନନ୍ଦନଙ୍କ ଜନମ ତିଥିରେ
ଆନନ୍ଦର ନଈ ଛୁଟେ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭





# ବାହାଘର ପରେ ଅଟକି ନାହାନ୍ତି ଏଲିନା



ଓଲିଉଡର ଅନ୍ୟତମ ଲୋକପ୍ରିୟ ନାୟିକା ଏଲିନା ଅଭିନୟ କ୍ଷେତ୍ରରେ ନିଜର ଯାତ୍ରା ଜାରି ରଖିଛନ୍ତି। ବାହାଘର ପରେ ବି ସେ ବ୍ରେକ୍ ନ ନେଇ ସିନେମାରେ ଅଭିନୟ କରୁଛନ୍ତି। ଗତବର୍ଷ ଦଶହରାରେ ତାଙ୍କ ଅଭିନୀତ 'ଚ୍ୟାଲେଞ୍ଜ୍' ରିଲିଜ୍ ହୋଇଥିଲା। ଏହାପରେ ତାଙ୍କୁ ଚଳିତ ବର୍ଷ ଶିଶିର-ପିନାକୀଙ୍କ ନିର୍ଦ୍ଦେଶିତ 'ରକ୍ତ ଗୋଲାପ' ଓ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ଶିକାର' ଭଳି ଓଡ଼ିଆ ଛବିରେ ଦେଖିବାକୁ ମିଳିଛି। ଏସବୁ ସିନେମାରେ ଦର୍ଶକ ତାଙ୍କୁ ପୂର୍ବ ଭଳି ଭଲ ପାଇବା ଦେଇଛନ୍ତି। ଓଲିଉଡର ଲୋକପ୍ରିୟ ନାୟିକା ଏଲିନା ବିଗତ ୧୧ ବର୍ଷ ହେଲା ଅଭିନୟ ଜଗତରେ ସକ୍ରିୟ ଅଛନ୍ତି । ସେ ତରଙ୍ଗ ସିନେ ପ୍ରଡକସନ୍ସ ଦ୍ୱାରା ପ୍ରଯୋଜିତ 'ଇଶ୍କ ତୁ ହି ତୁ'ରୁ କ୍ୟାରିଅର୍ ଆରମ୍ଭ କରିଥିଲେ। ଏହାପରେ ତାଙ୍କୁ 'କେହି ନୁହେଁ କାହାର', 'ଜଗା ହାତରେ ପଘା', 'ଅଭୟ', 'ଲଭ୍ ଷ୍ଟେସେନ୍', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', 'ଝିଅଟା ବିଗିଡ଼ିଗଲା', 'ହାପି ଲକି', 'କାବୁଲା ବାରବୁଲା', 'ଫୋର୍ ଇଡିଅଟ୍ସ', ଇଶ୍କ ପୁଣି ଥରେ, 'ଟୋକାଟା ଫସିଗଲା', 'ଦିସ୍ ଇଜ୍ ସବୁ ମାୟାରେ ବାୟା', ଅରୁନ୍ଧତୀ, 'ମାଲ ମହୁ ଜୀବନ ମାଟି' , ମାଲ୍ୟଗିରି, କେମିତି ଏ ସଂପର୍କ, ପାବାର, 'ଚ୍ୟାଲେଞ୍ଜ୍', 'ରକ୍ତ ଗୋଲାପ' ଓ 'ଶିକାର' ଆଦି ଓଡ଼ିଆ ଛବରେ ନାୟିକା ଭାବେ ଦେଖିବାକୁ ପାଇଛନ୍ତି ର୍ଦଶକ। ଏହି ସମୟ ଭିତରେ ଅରିନ୍ଦମ, ବାବୁସାନ୍, ଅନୁଭବ, ସବ୍ୟସାଚୀ, ଅଭିଷକେ, ଜ୍ୟୋତି ଓ ସ୍ୱରାଜ ପ୍ରମୁଖ ଜଣାଶୁଣା ନାୟକଙ୍କ ସହ କାମ କରିଛନ୍ତି ଏଲିନା।

# ଜୀ ସାର୍ଥକରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ସାର' ଓ୍ୱାର୍ଲ୍ଡ ଟିଭି ପ୍ରିମିୟର୍ ଆସନ୍ତା ୬ ତାରିଖରେ




ଗୁରୁ ଏବଂ ଶିଷ୍ୟର ଅତୁଟ ସମ୍ପର୍କ ତଥା ଏକ ସତ୍ୟ ଘଟଣା ଉପରେ ଆଧାରିତ ଓଡ଼ିଆ ଛବି 'ସାର'ର ଓ୍ୱାର୍ଲ୍ଡ ଟିଭି ପ୍ରିମିୟର୍ ଆସନ୍ତା ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ ଜୀ ସାର୍ଥକରେ ପ୍ରଦର୍ଶିତ ହେବ। ଗତବର୍ଷ ନଭେମ୍ବର ୧୪ ତାରିଖରେ ବଡ଼ ପରଦାରେ ରିଲିଜ୍ ହୋଇଥିବା ଏହି ସିନେମାଟି ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଆଦର୍ଶ ଶିକ୍ଷକ ଅଗନି ମହାନ୍ତି ଏବଂ ତାଙ୍କ ଛାତ୍ରମାନଙ୍କ ମଧ୍ୟରେ ଥିବା ନିସ୍ୱାର୍ଥପର ସମ୍ପର୍କର କାହାଣୀ ଦର୍ଶାଯାଇଛି। ନିଜ ଛାତ୍ର ରମେଶଙ୍କୁ ଏକ ମିଥ୍ୟା ଜମି ଦୁର୍ନୀତି ମାମଲାରୁ ରକ୍ଷା କରିବା ତଥା ତାଙ୍କର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଜଣେ ଗରିବ ଶିକ୍ଷକଙ୍କ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଲଢ଼େଇକୁ ଏଥିରେ ଅତି ଜୀବନ୍ତ ଭାବେ ଚିତ୍ରଣ କରାଯାଇଛି। ଡଃ କମଳ ଲୋଚନ ସାହୁଙ୍କ ପ୍ରଯୋଜିତ ତଥା କେଶବ ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ହୃଦୟସ୍ପର୍ଶୀ ଚଳଚ୍ଚିତ୍ରରେ ସମରେଶ ରାଉତରାୟ, ଅଭିଷେକ ରଥ, ଅର୍ଲିନ୍ ଅଙ୍କିତା, ଦୀପନ୍ୱିତ ଦାସମହାପାତ୍ର ଓ ଅଶ୍ରୁମୋଚନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ଅଭିଷେକଙ୍କ ବିପକ୍ଷରେ ପ୍ରଥମଥର ନଜର ଆସିଛନ୍ତି ଅର୍ଲିନ୍ ଅଙ୍କିତା। ପ୍ରଯୋଜକ ଡଃ କମଳ ଲୋଚନ ସାହୁ ଏହି ସିନେମାର କାହାଣୀ ଓ ସଂଳାପ ନିଜେ ଲେଖିଥିବା ବେଳେ ଆରୋହୀ ଅଜିତା ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଅବସରରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀ ରାହୁଲ ରାଓ କହିଛନ୍ତି, 'ଜୀ ସାର୍ଥକ ସର୍ବଦା ନିଜ ଓଡ଼ିଆ ଦର୍ଶକଙ୍କ ପାଇଁ ଶ୍ରେଷ୍ଠ, ପ୍ରେରଣାଦାୟକ ତଥା ମୂଲ୍ୟବୋଧଭିତ୍ତିକ କାହାଣୀ ଆଣିବାକୁ ପ୍ରୟାସ କରିଆସିଛି। 'ସାର' ହେଉଛି ସତ୍ୟ ଘଟଣା ଉପରେ ଆଧାରିତ ଏପରି ଏକ ଚଳଚ୍ଚିତ୍ର, ଯାହା ଶିକ୍ଷକତାର ମହାନତାକୁ ଦର୍ଶାଇବା ସହ ପ୍ରତ୍ୟେକ ଦର୍ଶକଙ୍କ ହୃଦୟକୁ ନିଶ୍ଚିତ ଭାବେ ସ୍ପର୍ଶ କରିବ ବୋଲି ଆମର ଦୃଢ଼ ବିଶ୍ୱାସ। ତେଣୁ ଆସନ୍ତା ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟା ୬:୩୦ରେ ପରିବାର ସହ ବସି ଏହି ଚଳଚ୍ଚିତ୍ରଟିକୁ ଉପଭୋଗ କରିବାକୁ ସେ ଜୀ ସାର୍ଥକ ପକ୍ଷରୁ ନିବେଦନ କରିଛନ୍ତି ।

# 'ମାଲାମାଲ ୱିକଲି ଟୁ'ରେ ହେମାତନୟା





ପ୍ରଖ୍ୟାତ ଅଭିନେତ୍ରୀ ହେମାମାଳିନୀଙ୍କ କନ୍ୟା ଏଷା ଧର୍ମେନ୍ଦ୍ର ଦେଓଲ ବଲିଉଡକୁ ଫେରୁଥିବା ଜଣାଯାଇଛି। ସେ ନିକଟରେ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ନିଜେ ଏଷା ଏହା ସୂଚନା ଦେଇଛନ୍ତି। ସେହି ସିନେମା ହେଲା ମାଲାମାଲ ୱିକଲି ଟୁ। ମାଲାମାଲ ୱିକଲି ୨ ନଭେମ୍ବର ୨୦୨୬ରେ ପ୍ରଦର୍ଶିତ ହେବ ବୋଲି ଆଶା କରାଯାଉଛି। ଏହି ଚଳଚ୍ଚିତ୍ରରେ ଏକ ସମ୍ପୂର୍ଣ୍ଣ ନୂତନ କାହାଣୀ ରହିବ। ତଥାପି, ଏହା ମୂଳ ଚଳଚ୍ଚିତ୍ରର ମୂଳ ବିଷୟବସ୍ତୁ ସ୍ୱାଦକୁ ବଜାୟ ରଖିବବୋଲି ଜଣାଯାଇଛି। ଏକ ଛୋଟ ସହରର ସାଧାରଣ ଲୋକଙ୍କର ଏକ ଗୋଷ୍ଠୀ, ଯେଉଁମାନେ ଦାରିଦ୍ର୍ୟ, ଲୋଭ ଏବଂ ହଠାତ୍ ଧନସମ୍ପତ୍ତିର ସମ୍ଭାବନା ଦ୍ୱାରା ପ୍ରଭାବିତ ହୋଇ ନିଜକୁ ଏକ କ୍ରମଶଃ ବିଶୃଙ୍ଖଳିତ ପରିସ୍ଥିତିରେ ଫସି ଯାଉଛନ୍ତି। ଏଥିରେ ଫରଦୀନ୍ ଖାନ, ଏଲଭିଶ ଯାଦବ, ରାଜପାଲ ଯାଦବ, ମହେଶ ମଞ୍ଜରେକର, ରବିନା ଟଣ୍ଡନ୍, ପରିଣୀତି ଚୋପ୍ରା ଏବଂ ସୋନିଆ ବନସଲ ମଧ୍ୟ ଏଥିରେ କାମ କରୁଛନ୍ତି। ଏଶା କହିଛନ୍ତି, 'ନୋ ଏଣ୍ଟ୍ରି (୨୦୦୫), ଶାଦି ନମ୍ବର ୧ (୨୦୦୫) ଏବଂ ୱାନ୍ ଟୁ ଥ୍ରି (୨୦୦୮) ଭଳି ଫିଲ୍ମ କରିବା ପରେ, କମେଡି ଏପରି ଏକ ସ୍ଥାନ ଯାହାକୁ ମୁଁ ସବୁବେଳେପସନ୍ଦ କରିଆସିଛି ଏବଂ ପ୍ରକୃତରେ ପୁଣି ଥରେ ଫେରିବାକୁ ଚାହୁଁଥିଲି। ସ୍କ୍ରିପ୍ଟଟି ସମ୍ପୂର୍ଣ୍ଣ ହାସ୍ୟପୂର୍ଣ୍ଣ, ଏବଂ ମୁଁ ପ୍ରକୃତରେ ଭାବୁଛି ଯେ ସମସ୍ତେ ଏହାକୁ ପସନ୍ଦ କରିବେ। ମୁଁ ଏପରି ଏକ ଫିଲ୍ମର ଅଂଶ ହୋଇ ବହୁତ ଖୁସି କାରଣ ଏହା ସମ୍ପୂର୍ଣ୍ଣ ମଜା, ହାସ୍ୟ ଏବଂ ନିର୍ମଳ ମନୋରଞ୍ଜନ ଉପରେ ଆଧାରିତ।'

# ବ୍ୟସ୍ତ ହୋଇଗଲେଣି ଅଭିନେତା ସନି ଦେଓଲ୍, ହାତରେ ରହିଛି ପଛକୁ ପଛ ୪ଟି ଛବି



ସନି ଦେଓଲଙ୍କର ସଦ୍ୟତମ ଚଳଚ୍ଚିତ୍ର 'ବଟୱାରା ୧୯୪୭' ବକ୍ସ ଅଫିସ୍ ରେ ସେଭଳି କୌଣସି କରିସ୍ମା ଦେଖାଇ ପାରିଲା ନାହିଁ। କିନ୍ତୁ ଏହାପରେ ବି ସନି ପୁଣି କେତୋଟି ଛବିରେ କାମ କରୁଥିବା ଜଣାଯାଇଛି। ବର୍ତ୍ତମାନ ସେ ଏକାସାଙ୍ଗରେ ଚାରୋଟି ଚଳଚ୍ଚିତ୍ରରେ କାମ କରୁଛନ୍ତି, ଯେଉଁଥିରେ 'ଆଣ୍ଟୋନି', 'ରାମାୟଣ: ପାର୍ଟ ୨', 'ଜାଟ୍ ୨' ଏବଂ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ପରବର୍ତ୍ତୀ ଫିଲ୍ମ ଅନ୍ତର୍ଭୁକ୍ତ।

'ବଟୱାରା ୧୯୪୭' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଖୁବ୍ କମ୍ ସମୟ ମଧ୍ୟରେ, ସନି ଦେଓଲ ଏକ୍ସେଲ ଏଣ୍ଟରଟେନମେଣ୍ଟର ଆଗାମୀ ପୁଲିସ୍ ଥ୍ରୀଲର 'ଆଣ୍ଟୋନି'ର ସୁଟିଂ ଆରମ୍ଭ କରିଦେଇଛନ୍ତି। ବାଲାଜୀ ଗଣେଶଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ସୁଟିଂ ବର୍ତ୍ତମାନ ଫିଲ୍ମ ସିଟିରେ ଚାଲିଛି। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନି ଦେଓଲ ଅଗଷ୍ଟ ୨୬ରେ ସେଟକୁ ଫେରିଛନ୍ତି ଏବଂ ଅନେକଗୁଡ଼ିଏ ଦମଦାର ଆକ୍ସନ ଦୃଶ୍ୟର ସୁଟିଂ ବି କରୁଛନ୍ତି। ସେ ଅକ୍ଟୋବର ସୁଦ୍ଧା 'ଆଣ୍ଟୋନି'ର କାର୍ଯ୍ୟ ଶେଷ କରିବେ ବୋଲି ଆଶା କରାଯାଉଛି। ଏହା ପରେ ସେ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ପୌରାଣିକ ମହାକାବ୍ୟର ପରବର୍ତ୍ତୀ ଭାଗ 'ରାମାୟଣ: ପାର୍ଟ ୨'ରେ ଯୋଗ ଦେବେ। ରଣବୀର କପୁର ଏହି ଫିଲ୍ମ ପାଇଁ ତାଙ୍କ ଅଂଶର ସୁଟିଂ ପୂର୍ବରୁ ହିଁ ଆରମ୍ଭ କରିସାରିଛନ୍ତି। ଦ୍ୱିତୀୟ ଭାଗରେ ଭଗବାନ ହନୁମାନଙ୍କ ଭୂମିକାରେ ସନି ଦେଓଲଙ୍କ ଚରିତ୍ରକୁ ବେଶ୍ ବଡ଼ ଆକାରରେ ଦର୍ଶାଯିବ। 'ପ୍ରଥମ ଭାଗରେ ଭଗବାନ ହନୁମାନ ଭାବରେ ସନିଙ୍କର ଝଲକ ସଂକ୍ଷିପ୍ତ ଥିବା ବେଳେ, ଦ୍ୱିତୀୟ ଭାଗରେ ତାଙ୍କର ବଡ଼ ବଡ଼ ଆକ୍ସନ୍ ଏବଂ ନାଟକୀୟ ଦୃଶ୍ୟ ରହିବ।'

ଅନ୍ୟପକ୍ଷରେ, 'ଜାଟ୍ ୨'ର ନିର୍ମାତାମାନେ ଡିସେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଆଶା ରଖିଛନ୍ତି। ତଥାପି, ନିର୍ଦ୍ଦେଶକ ଗୋପୀଚାନ୍ଦ ମାଲିନେନୀଙ୍କ ପୂର୍ବ ପ୍ରତିବଦ୍ଧତା ଯୋଗୁଁ ଏହି କାର୍ଯ୍ୟସୂଚୀ ପ୍ରଭାବିତ ହୋଇପାରେ। ସୂତ୍ରଟି ଆହୁରି ଯୋଡ଼ିଛି, 'ଗୋପୀ ତାଙ୍କର ପରବର୍ତ୍ତୀ ଫିଲ୍ମରେ ବ୍ୟସ୍ତ ଅଛନ୍ତି। ତେଣୁ, ପ୍ରଯୋଜକମାନଙ୍କୁ ସ୍ଥିର କରିବାକୁ ପଡ଼ିବ ଯେ ସେମାନେ ତାଙ୍କ ପାଇଁ ଅପେକ୍ଷା କରିବେ ନା ଅନ୍ୟ କୌଣସି ନିର୍ଦ୍ଦେଶକଙ୍କୁ ସାମିଲ କରିବେ।'ଆଗାମୀ ବର୍ଷ ପ୍ରାରମ୍ଭ ସୁଦ୍ଧା ସନି ଦେଓଲ ରାଜ କୁମାର ସନ୍ତୋଷୀଙ୍କ ଫିଲ୍ମ 'ଘାତକ ଘୁସ୍ କେ ମାରେଗା'ର ସୁଟିଂ ଆରମ୍ଭ କରିବା ଆଶା କରାଯାଉଛି।

# ନୀତିଙ୍କୁ ପସନ୍ଦ କଠୋର ପୁରୁଷ !



ନାରୀଟିଏ ପୁରୁ... ଯେଉଁଭଳି ସମ୍ମାନ ... ପୁରୁଷ ନିକଟରୁ ... ଉଚିତ ସମ୍ମାନର ... ରଖେ। ମାତ୍ର ଏଭଳି ... ଧାରଣାର ବିପ... କଥା କହି... ଟେଲିଭିଜନ ଅଭି... ନୀତି ଟେଲି... ନିକଟରେ ଏକ ଆଲୋଚନା ସମୟରେ ସେ ଦେଇଥିବା ମନ୍ତବ୍ୟ ସୋସିଆଲ୍ ମିଡିଆରେ ଝଡ଼ ସୃଷ୍ଟି କରିଛି। ଗାଲାଟ୍ଟା ଇଣ୍ଡିଆ ସହିତ ଏକ ସାକ୍ଷାତ୍କାରରେ ନୀତିଙ୍କୁ ତାଙ୍କ ସୋ' 'କୈସି ୟେ ୟାରିୟାଁ'ର ଲୋକପ୍ରିୟତା ଏବଂ ପାର୍ଥ ସମଥାନ୍‌ଙ୍କ ସହିତ ତାଙ୍କ ଯୋଡ଼ିକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ ମହିଳାମାନେ କଠୋର ଓ ନିୟନ୍ତ୍ରଣକାରୀ ସ୍ୱଭାବର ପୁରୁଷଙ୍କ ପ୍ରତି ଆକର୍ଷିତ ହୁଅନ୍ତି ବୋଲି ମତ ରଖିଥିଲେ। 'କୈସି ୟେ ୟାରିୟାଁ' ଧାରାବାହିକରେ ନୀତି ଜଣେ ନିରୀହ ଓ ଅନ୍ତର୍ମୁଖୀ ଝିଅର ଭୂମିକା ନିଭାଇଥିବା ବେଳେ ପାର୍ଥଙ୍କୁ ଦେଖିବାକୁ ମିଳିଥିଲା ଜଣେ ଆତ୍ମବିଶ୍ୱାସୀ ଓ ସ୍ପଷ୍ଟବାଦୀ ଯୁବକ ଚରିତ୍ରରେ। ଏହି ଦୁଇ କଳାକାରଙ୍କ କେମିଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଏହି ଯୋଡ଼ିର ଲୋକପ୍ରିୟତା ସମ୍ପର୍କରେ କହିବା ବେଳେ ନୀତି କହିଥିଲେ ଯେ, ଅଧିକାଂଶ ଝିଅ ଧାରାବାହିକର ନନ୍ଦିନୀଙ୍କ ଚରିତ୍ର ସହ ନିଜକୁ ଯୋଡ଼ିପାରନ୍ତି। ଏଥିସହ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ ମହିଳାମାନେ କଠୋର ସ୍ୱଭାବର ପୁରୁଷଙ୍କ ପ୍ରତି ବିଶେଷ ଆକର୍ଷିତ ହୁଅନ୍ତି ବୋଲି ସେ ମତ ଦେଇଥିଲେ। ଜଣେ ପୁରୁଷଙ୍କ କଠୋର କିମ୍ବା ନିୟନ୍ତ୍ରଣକାରୀ ବ୍ୟବହାରକୁ ମହିଳାମାନେ ପସନ୍ଦ କରନ୍ତି ବୋଲି ସେ ଦେଇଥିବା ମନ୍ତବ୍ୟକୁ ନେଇ ସୋସିଆଲ୍ ମିଡିଆରେ ଭିନ୍ନ ପ୍ରତିକ୍ରିୟା ମିଳିଛି। କେହି କେହି ଏଭଳି ମନ୍ତବ୍ୟକୁ ସମାଲୋଚନା କରିଥିବା ବେଳେ ପୁଣି କେହି ଏହା ତାଙ୍କର ବ୍ୟକ୍ତିଗତ ପସନ୍ଦ ବୋଲି କହି ତାଙ୍କୁ ସମର୍ଥନ ବି ଦେଇଛନ୍ତି।

# ପାର୍ଲେ-ଜି ବିସ୍କୁଟ୍‌ରେ ଦିନ କାଟୁଥିଲେ ରାଜକୁମାର

ମାୟାନଗରୀ ମୁମ୍ବାଇକୁ ଅଭିନେତା ହେବାର ସ୍ୱପ୍ନ ନେଇ ଅନେକ ଆସନ୍ତି ଓ ଫେରନ୍ତି। ହେଲେ ନିଜର ନିଷ୍ଠା ପାଇଁ ହାତଗଣତି କଳାକାର ହିଁ ଉଦାହରଣ ସାଜନ୍ତି। ସେଭଳି ଜଣେ ଅଭିନେତା ହେଉଛନ୍ତି ରାଜକୁମାର ରାଓ। ନିକଟରେ ୪୨ ବର୍ଷରେ ପାଦ ଦେଇଥିବା ରାଜକୁମାର ରାଓ ୧୮ ବର୍ଷ ବୟସରେ ଅଭିନୟ ଶିଖିବା ପାଇଁ ଗୁରୁଗ୍ରାମରୁ ଦିଲ୍ଲୀ ଯାଉଥିଲେ। ପ୍ରତିଦିନ ଯିବା-ଆସିବାରେ ପ୍ରାୟ ୧୪୦ କିଲୋମିଟର ସାଇକେଲ୍ ଚଳାଇ ସେ ଶ୍ରୀରାମ ସେଣ୍ଟରରେ ଅଭିନୟ ପ୍ରଶିକ୍ଷଣ ଗ୍ରହଣ କରୁଥିଲେ। ସେହି ଦୀର୍ଘ ସାଇକେଲ୍ ଯାତ୍ରା ସମୟରେ ୱାକ୍‌ମ୍ୟାନ୍‌ରେ ଗୀତ ଶୁଣି ନିଜ ସ୍ୱପ୍ନ ଆଡ଼କୁ ବଢୁଥିଲେ। ଦୀର୍ଘ ସଂଘର୍ଷ ପରେ ରାଜଙ୍କୁ ମିଳିଥିଲା 'ଲଭ୍ ସେକ୍ସ ଔର ଧୋକା'। ଏହି ଫିଲ୍ମରେ ତାଙ୍କ ପାରିଶ୍ରମିକ ଥିଲା ମାତ୍ର ୧୧ ହଜାର ଟଙ୍କା, ଯାହା ତାଙ୍କୁ ପ୍ରାୟ ଏକ ମାସ ଚଳିବାରେ ସାହାଯ୍ୟ କରିଥିଲା। ପିଲାଦିନରୁ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ଥିଲା ବୋଲି ମାଆ ଜାଣିପାରିଥିଲେ। ସେଥିପାଇଁ ନାନା ବାଧାବିଘ୍ନ ପରେ ବି ପୁଅକୁ ସମର୍ଥନ ଦେଉଥିଲେ। ଅଭିନୟରେ କ୍ୟାରିୟର ଗଢ଼ିବା ପାଇଁ ମୁମ୍ବାଇ ଆସିବା ପରେ ରାଜକୁମାରଙ୍କ ସଂଘର୍ଷ ଆହୁରି କଠିନ ହୋଇଗଲା। କାମ ନମିଳିବାକୁ ଖାଇବା ଗଣ୍ଡେ ବି ପ୍ରତିଦିନ ଜୁଟୁ ନଥଲା। ଏପରିକି ଦିନେ ତାଙ୍କ ବ୍ୟାଙ୍କ ଖାତାରେ ମାତ୍ର ୧୮ ଟଙ୍କା ବଳିଥିଲା। ମୁମ୍ବାଇ ଭଳି ସହରରେ ଏତେ କମ୍ ଟଙ୍କାରେ ଚଳିବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ଥିଲା। ଖର୍ଚ୍ଚ କମାଇବା ପାଇଁ ସେ ଅନେକ ସମୟରେ ପାର୍ଲେ-ଜି ବିସ୍କୁଟ୍ ଓ ରୁଟିରେ ଦିନ କାଟୁଥିଲେ। ସେହି ସମୟରେ ତାଙ୍କର ଏହି ଭୋଜନ ପାଇଁ ମାତ୍ର ୪ ଟଙ୍କା ଖର୍ଚ୍ଚ ହେଉଥିଲା। ଏତେ ସବୁ ପରେ ବି ଅଭିନୟ ନିଶା ତାଙ୍କ ମନରୁ ଉତୁରି ନଥିଲା। ଦୀର୍ଘ ଦିନର ସଂଘର୍ଷ ପରେ 'ଲଭ୍ ସେକ୍ସ ଔର ଧୋକା' ଜରିଆରେ ରାଜକୁମାରଙ୍କୁ ବଲିଉଡ୍‌ରେ ପ୍ରଥମ ସୁଯୋଗ ମିଳିଥିଲା। ଏହି ଫିଲ୍ମ ପାଇଁ ତାଙ୍କୁ ୧୧ ହଜାର ଟଙ୍କା ପାରିଶ୍ରମିକ ମିଳିଥିଲା, ଯାହା ସେହି ସମୟରେ ପ୍ରାୟ ଏକ ମାସ ଚଳିବାରେ ସାହାଯ୍ୟ କରିଥିଲା। ପରବର୍ତ୍ତୀ ସମୟରେ 'କାଇ ପୋ ଚେ !', 'କ୍ୱିନ୍', 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର-୨', 'ଅଲିଗଡ଼', 'ଶାହିଦ' ଭଳି ଫିଲ୍ମରେ ତାଙ୍କ ଅଭିନୟ ଦର୍ଶକ ଓ ସମୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। 'ଶାହିଦ' ପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ହାସଲ କରିଥିଲେ। ବକ୍ସ ଅଫିସ୍‌ରେ ସବୁ ଫିଲ୍ମ ବଡ଼ ସଫଳତା ପାଇ ନଥିଲେ ମଧ୍ୟ ତାଙ୍କ ଅଭିନୟ ସବୁବେଳେ ପ୍ରଶଂସିତ ହୋଇଛି। ଆଗକୁ ସେ 'ପ୍ରହାର: ଦ ଉଜ୍ଜ୍ୱଳ ନିକମ୍ ଷ୍ଟୋରି'ରେ ନଜର ଆସିବେ।

# ସାହିତ୍ୟ, ଶିକ୍ଷା ଓ ସଂସ୍କୃତିର ପ୍ରିୟ ମଣିଷ ରଘୁନାଥ ବାରିକ

ଓଡ଼ିଶାର କଳା, ସାହିତ୍ୟ ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଏକ ସମ୍ମାନନୀୟ ଉଚ୍ଚାରଣ ହେଉଛନ୍ତି ରଘୁନାଥ ବାରିକ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ମଲ୍ଲିକା ଦେଇପୁର ଗ୍ରାମରେ ଶ୍ରୀ ବାରିକ୍ ୧୯୭୩ ମସିହାରେ ଜନ୍ମ ଗ୍ରହଣ କରନ୍ତି। ଶ୍ରୀ ବାରିକଙ୍କ ପିତା ହରିହର ବାରିକ ଓ ମାତା ବାସନ୍ତୀ ବାରିକ୍। ପତ୍ନୀ କାମିନୀ ଲତା ବାରିକ୍, ପୁତ୍ର ସତ୍ୟ ରଞ୍ଜନ ବାରିକ୍ ଓ କନ୍ୟା ସାଇ ଶିଖା ବାରିକ ଙ୍କୁ ନେଇ ରଘୁନାଥ ଙ୍କ ସୁଖ ଦୁଃଖର ସଂସାର ଆଗେଇ ଚାଲିଛି। ଶ୍ରୀ ରଘୁନାଥ ବାରିକ ବର୍ତ୍ତମାନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅନ୍ଦୋଳାରେ ପ୍ରଧାନ ଶିକ୍ଷକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। କୃଷ୍ଣଜନ୍ମ ନାଟକରେ ଶ୍ରୀ ବାରିକ୍ ଖୁବ୍ ସୁନ୍ଦର ଅଭିନୟ କରିଥିଲେ ଯାହା ଭୁଲିବାର ନୁହେଁ। ସାହିତ୍ୟ କ୍ଷେତ୍ରରେ ଶ୍ରୀ ବାରିକ୍ ସୁନ୍ଦର ଗଳ୍ପ ଲେଖନ୍ତି ଓ ସୁନ୍ଦର କବିତା ଆବୃତ୍ତି କରନ୍ତି। ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ଶ୍ରୀ ବାରିକ୍ ଖୁବ୍ ସଫଳତାର ସହିତ ଓଡିଆ,ଇଂରାଜୀ,ଇତିହାସ,ଭୂଗୋଳ ପାଠ ପଢ଼ାନ୍ତି। ସତ୍ୟସାଇ ସେବା ସଂଗଠନର ଜଣେ ସକ୍ରିୟ ସଦସ୍ୟ ଭାବରେ ଶ୍ରୀ ବାରିକ୍ ସମାଜ ପାଇଁ ଅନେକ ସେବା ମୂଳକ କାର୍ଯ୍ୟ କରିଥାନ୍ତି । ପରିବେଶର ସୁରକ୍ଷା ପାଇଁ ଶ୍ରୀ ବାରିକ୍ ଭାଇ ଭଉଣୀ ମାନଙ୍କ ସହିତ ମିଶି ବହୁ ସଂଖ୍ୟାରେ ବୃକ୍ଷ ରୋପଣ କାର୍ଯ୍ୟ କରିଛନ୍ତି। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ବଞ୍ଚି ରହିବେ ବୋଲି ଭବିଷ୍ୟତ ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ରଘୁନାଥ ବାରିକଙ୍କ ପ୍ରିୟ ଗୁରୁ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ବିମଳ କୁମାର ରାୟ ଓ ପ୍ରିୟ ବନ୍ଧୁ ହେଉଛନ୍ତି ବ୍ରଜବନ୍ଧୁ ବାରିକ। ଶ୍ରୀ ବାରିକଙ୍କ ପ୍ରିୟ ଭରତୀୟ ହେଉଛନ୍ତି ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି,ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଉତ୍କଳମଣି ଗୋପବନ୍ଧୁ ଦାସ। ଶ୍ରୀ ବାରିକଙ୍କ ପ୍ରିୟ ପୁସ୍ତକ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଛ ମାଣ ଆଠଗୁଣ୍ଠ ଓ ପ୍ରତିଭା ରାୟଙ୍କ ଯାଜ୍ଞସେନୀ। ଆଜିର ଯୁବପୀଢ଼ି ମାନଙ୍କୁ ବାର୍ତ୍ତା ଦେଇ ଶ୍ରୀ ବାରିକ୍ କୁହନ୍ତି ଆଜିର ଯୁବପୀଢ଼ି ମାନେ ସତ୍ କର୍ମ କରିବା ସହିତ ଶାନ୍ତି ଶୃଙ୍ଖଳା, ନିଷ୍ଠା, ତ୍ୟାଗ ଓ ସାଧନାକୁ ଗୁରୁତ୍ୱ ଦେଲେ ସେମାନେ ନିଶ୍ଚିତ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ରଘୁନାଥ ବାରିକଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହାହିଁ ଆମର କାମନା।




ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

## ପଲିଥିନ ବଣ୍ଟନରେ ପକ୍ଷପାତିତା ଅଭିଯୋଗ: ପଶ୍ଚିମବାର୍ଡ଼ ଆର.ଆଇ. ଅଫିସ ସାମ୍ନାରେ ଜଳେଶ୍ୱର ବ୍ଲକ କଂଗ୍ରେସର ବିକ୍ଷୋଭ




ଜଳେଶ୍ୱର,୩/୦୯ (ନି.ପ୍ର): ବନ୍ୟା ପ୍ରପୀଡ଼ିତଙ୍କୁ ପଲିଥିନ ବଣ୍ଟନରେ ବ୍ୟାପକ ପକ୍ଷପାତିତା କରାଯାଉଥିବା ଅଭିଯୋଗ କରି ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି।ସମସ୍ତ ବନ୍ୟା ପ୍ରପୀଡ଼ିତ ପରିବାରଙ୍କୁ ବିନା ପକ୍ଷପାତିତାରେ ତୁରନ୍ତ ପଲିଥିନ ଯୋଗାଇ ଦେବା ଦାବିରେ ଆଜି ପଶ୍ଚିମଦାର୍ଡ଼ ଆର.ଆଇ.ଅଫିସ ସାମ୍ନାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଏହି ଆନ୍ଦୋଳନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ କୁମାର ଗିରି ଅଧ୍ୟକ୍ଷତା କରିଥିଲେ।ବନ୍ୟା ଯୋଗୁଁ ଅଞ୍ଚଳର ବହୁ ଗରିବ ଓ ସାଧାରଣ ଲୋକ ବାସଗୃହ ହରାଇ ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରଶାସନ ପକ୍ଷରୁ ଚାଲିଥିବା ପଲିଥିନ ବଣ୍ଟନ ପ୍ରକ୍ରିୟାରେ କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ପ୍ରାଥମିକତା ଦିଆଯାଉଥିବା କଂଗ୍ରେସ ନେତୃବୃନ୍ଦ ଯଥା-ପଦ୍ମଲୋଚନ ବେହେରା, ହେମନ୍ତ କୁମାର ଗିରି,ମଧୁ ସୁଧନ ଦାସ,ସୁଦାମ ପାତ୍ର,ଗୋପାଳ କୃଷ୍ଣ ଜେନା,ନଗର କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ସୌବିକ ଜେନା, ପ୍ରଦୀପ କୁମାର ଜେନା,ଜାବେଦ ଅଲ୍ଲୀ ପ୍ରମୁଖ ଶତାଧିକ ଲୋକ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ସୁପରଭାଇଜର ଶୁଭେନ୍ଦୁ ସାହୁ, ପଶ୍ଚିମବାଡ ଆର ଆଇ ରାଜେଶ କୁମାର ଦେ ଏବଂ ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାସୁଝା କରିଥିଲେ। ନିୟମାନୁଯାୟୀ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଇ ପ୍ରକୃତ ବନ୍ୟା ପ୍ରପୀଡ଼ିତଙ୍କୁ ଖୁବଶୀଘ୍ର ପଲିଥିନ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ବିକ୍ଷୋଭ ପ୍ରଦର୍ଶନ ସ୍ଥଗିତ ରହିଥିଲା।

## ସ୍ୱାୟତ୍ତ ଶାସନ ଦିବସ ସମାରୋହ ଉଦ୍‌ଯାପିତ

■ପ୍ରଶଂସନୀୟ କାର୍ଯ୍ୟ ପାଇଁ ୪ଜଣ ସମ୍ବର୍ଦ୍ଧିତ
■ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ
■ଦ୍ୱିତୀୟ ସୟଂ ଯନ୍ତ୍ରଚାଳିତ ସଫେଇ ଗାଡି ଲୋକାର୍ପିତ



ବାରିପଦା ,୩/୦୯ (ନି.ପ୍ର): ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ୩ ଦିନିଆ ସ୍ୱାୟତ ଶାସନ ଦିବସ ସମାରୋହ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ୱାର୍ଡ଼ କାଉଁନସିଲର ମାନେ ଯୋଗ ଦେଇଥିଲେ। ଶତାୟୁ ପୌରପାଳିକା ବାରିପଦାର କାର୍ଯ୍ୟ ଧାରା ସଫଳତାର ସହିତ ଆଗେଇ ଚାଲିଛି। ପୌରାଞ୍ଚଳର ଉନ୍ନତି ନେଇ ଆଗକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି। ଏହି ଅବସରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଧର୍ମ ପ୍ରଚାରକ ଭାଗବତ ପଣ୍ଡା, ୧୩୯ ଥର ରକ୍ତଦାନ କରିଥିବା ବିଶିଷ୍ଟ ରକ୍ତଦାତା ନିରୋଜ ପୋଥାଳ, ବିଶିଷ୍ଟ ଫଟୋଗ୍ରାଫର ସୁବ୍ରତ ସାହୁ ଏବଂ ସମାଜସେବା ପାଇଁ ସତ୍ୟସାଇ ସେବା ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯିବା ସହ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବ୍ୟାହତି ପୂର୍ବରୁ ବିଭିନ୍ନ ବର୍ଗରେ ଆୟୋଜିତ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ନେଇ ଆୟୋଜିତ ଶଙ୍ଖ ଫୁଙ୍କା, ହୁଳୁହୁଳି, ହାଣ୍ଡି ଫଟା ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାର କୃତି ମହିଳା ପ୍ରତିଯୋଗୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଛଉ ପଡ଼ିଆ ନିକଟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ମାନେ ଯୋଗ ଦେଇ ବାରିପଦା ପୌରପାଳିକାର ସମସ୍ତ ୨୮ଗୋଟି ୱାର୍ଡ଼ର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ୨୬ଟି ହାଇମ୍ୟାକ୍ସ ଷ୍ଟ୍ରିଟ ଲାଇଟ, ଗୋଟିଏ ଭ୍ରାମ୍ୟମାଣ ପ୍ରାଣୀ ଉଦ୍ଧାର ଯାନ ଏବଂ ପୌରାଞ୍ଚଳର ସଫେଇ ନିମନ୍ତେ ଦ୍ୱିତୀୟ ସୟଂ ଯନ୍ତ୍ରଚାଳିତ ସଫେଇ ଗାଡିକୁ ଲୋକାର୍ପିତ କରିଛନ୍ତି।

## ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀଙ୍କ ଦାବି ନ୍ୟାୟସମ୍ମତ ଓ ଯୁକ୍ତିଯୁକ୍ତ ହୋଇଥିଲେ ମଧ୍ୟ ସରକାର ସମାଧାନ ଦିଗରେ ଅବହେଳା କରି ଚାଲିଛନ୍ତି : ସମନ୍ୱୟ ସମିତି

ଭୁବନେଶ୍ୱର,୩/୦୯ (ନି.ପ୍ର): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜଧାନୀର ରାଜରାସ୍ତାରେ ଦିବାରାତ୍ରି ଗଣଧାରଣା । ମସା ଡାଆଁସ ଓ ପାଗର ପ୍ରତିକୂଳତା ସତ୍ତ୍ୱେ ଏବେବି ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ଅହୋରାତ୍ର ଧାରଣାରେ ବସିଛନ୍ତି । ଅଥଚ ସରକାରଙ୍କ ତରଫରୁ ସମସ୍ୟା ସମାଧାନ ସମ୍ପର୍କିତ ଘୋଷଣାନାମା ପ୍ରକାଶ ପାଇବାରେ ବିଳମ୍ବ ହୋଇ ଚାଲିଛି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

ସୂଚନାଥାଉକି, ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ସେମାନଙ୍କ ନ୍ୟାୟୋଚିତ ଓ ଯୁକ୍ତିଯୁକ୍ତ ଦାବୀ ହାସଲ ପାଇଁ ଦୀର୍ଘ ଦିନଧରି ଅହୋରାତ୍ର ଗଣଧାରଣାରେ ବସି ରହିଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ସରକାର ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଶିକ୍ଷକ କର୍ମଚାରୀମାନଙ୍କର ଦାବି ଗୁଡ଼ିକ ମଧ୍ୟରେ ସମସ୍ତ ଯୋଗ୍ୟବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ଏହି ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ ରତ ବିଦ୍ୟାର୍ଥିମାନଙ୍କୁ ମଧ୍ୟାହ୍ନ ଭୋଜନ, ଶିକ୍ଷା ଉପକରଣ, ପୋଷାକ, ସାଇକେଲ ଓ ଶିକ୍ଷାବୃତ୍ତି ଯୋଗାଇ ଦେବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ପେନ୍ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶୂନ୍ୟଥିବା ପଦବୀଗୁଡ଼ିକରେ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଏବଂ ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସରକାରୀକରଣ । ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ କମିଟି ଶିକ୍ଷକ ସଂଗଠନର ନେତୃତ୍ୱ ମାନଙ୍କ ସହିତ ଆଲୋଚନା କରି ରିପୋର୍ଟ ପ୍ରଦାନ କରି ସାରିଥିଲେ ମଧ୍ୟ ସରକାର ଏହାକୁ କ୍ୟାବିନେଟ୍ରେ ନେଇ ସମସ୍ୟା ସମାଧାନ କରୁନାହାଁନ୍ତି । ଅବିଭାବକ ଆନେ୍ଦାଳନକୁ ସମର୍ଥନ ଜଣାଇଲେ ଏବଂ ଆଗାମୀ ଗୁରୁଦିବସରେ ସମସ୍ତ ଅବିଭାବକମାନେ ଏହି ଆନେ୍ଦାଳନରେ ସାମିଲ ହେବେ। ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ସମସ୍ୟାଗୁଡ଼ିକୁ ସହୃଦୟତାର ସହ ବିଚାରକୁ ନେଇ ତୁରନ୍ତ ସମାଧାନ କରିବା ଦିଗରେ ସହାୟକ ହୁଅନ୍ତୁ ବୋଲି ଆନେ୍ଦାଳନର ନେତୃତ୍ୱ ନେଉଥିବା ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଲିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ଅଟଳ ବଳ, ପ୍ରିୟରଞ୍ଜନ ରଥ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି ନଚେତ୍ ଏ ଆନେ୍ଦାଳନ ଆହୁରି ତୀବ୍ର ରୂପ ଧାରଣ କରିବ ।

## ଶ୍ରୀମନ୍ଦିରର ୩ ଟି ଯୋଜନାରେ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମା

ପୁରୀ,୩/୦୯ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ଆୟ ମୁଖ୍ୟତଃ ଭକ୍ତଙ୍କ ଦାନ, ଶ୍ରୀମନ୍ଦିର ଖଣିଖାଦାନ, ସ୍ଥାୟୀ ଜମାରେ ରଖାଯାଇଥିବା ଅର୍ଥର ସୁଧ, ଜମି ବିକ୍ରି ଓ ଜମି ଅଧିଗ୍ରହଣ ଏବଂ ସରକାରୀ ଅନୁଦାନରୁ ହୋଇଥାଏ। ଉକ୍ତ ଆୟର କିଛି ନିର୍ଦ୍ଦିଷ୍ଟ ଅଂଶ କର୍ପସ ପାଣ୍ଠି ହିସାବରେ ଏବଂ ଅନ୍ୟ ଏକ ଅଂଶ ଫାଉଣ୍ଡେସନ ପାଣ୍ଠି ହିସାବରେ ସ୍ଥାୟୀ ଜମାରେ ରଖାଯାଇଥାଏ। ଅବଶିଷ୍ଟ ଆୟ ମନ୍ଦିର ପାଣ୍ଠି ହିସାବରେ ରଖାଯାଇଥାଏ। ଶ୍ରୀମନ୍ଦିରର ଦୈନନ୍ଦିନ ଖର୍ଚ୍ଚ ଉକ୍ତ ମନ୍ଦିର ପାଣ୍ଠିରୁ ହୋଇଥାଏ ଏବଂ ବଳକା ମନ୍ଦିର ପାଣ୍ଠି ଅର୍ଥକୁ ସ୍ଥାୟୀ ଜମା ହିସାବରେ ରଖାଯାଏ। ଏହି ସମସ୍ତ ସମ୍ପତିର ସ୍ୱଚ୍ଛ, ସଠିକ୍ ପରିଚାଳନା କରିବା ହେଉଛି ଶ୍ରୀମନ୍ଦିର ପ୍ରଶାସନର ପ୍ରମୁଖ ଦାୟିତ୍ୱ। ତା. ୩୧.୦୮.୨୦୨୬ ରିଖ ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର ଉପରୋକ୍ତ ୩ଟି ଯୋଜନାରେ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମାରେ ରଖାଯାଇଅଛି। ଏଥି ମଧ୍ୟରୁ ବିଭିନ୍ନ ରାଷ୍ଟ୍ରୟତ ବ୍ୟାଙ୍କମାନଙ୍କରେ ୧୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ପି.ଏଲ୍.ଆକାଉଂଟରେ ଓଡ଼ିଶା ସରକାରଙ୍କ ପ୍ରଦତ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ରଖାଯାଇଅଛି। ଏତଦ୍ ବ୍ୟତୀତ ଅଦ୍ୟ ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଂଟମାନଙ୍କରେ ୧୦୦ କୋଟି ୭୦ ଲକ୍ଷ ୬୬ ହଜାର ୮୬୮ ଟଙ୍କା ରହିଅଛି। ଏହାସହ ପ୍ରତ୍ୟେକ ଦିନ ଶ୍ରୀମନ୍ଦିର ହୁଣ୍ଡି ଗଣନା ହେବା ସହ ତତ୍ ସମ୍ବନ୍ଧୀୟ ବିବରଣୀ ସୂଚନା ଫଳକ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରାଯାଉଅଛି। ଶ୍ରୀମନ୍ଦିରର ପରିଚାଳନାରେ ସ୍ୱଚ୍ଛତା ଏବଂ ଉତରଦାୟିତ୍ୱ ବଜାୟ ରଖିବା ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ମହାପ୍ରଭୁଙ୍କ ପ୍ରତି ସମର୍ପିତ ଭକ୍ତମାନଙ୍କର ଦାନରାଶି ଏବଂ ମନ୍ଦିର ସମ୍ପତିର ସଠିକ୍ ପରିଚାଳନା ସମ୍ପର୍କରେ ଜନସାଧାରଣ ଓ ଭକ୍ତଗଣଙ୍କୁ ଅବଗତ କରାଇବା ପାଇଁ ଏହି ସୂଚନା ପ୍ରକାଶ କରାଯାଉଅଛି।

## ପାନୀୟଜଳ ବଦଳରେ ଜହର ପିଉଛନ୍ତି ଲୋକ: ୫ ଜଣ ଜଣ୍ଡିସ୍ ଆକ୍ରାନ୍ତ,ଏକାଧିକ ଜ୍ୱରରେ ପୀଡିତ



ନୀଳଗିରି,୩/୦୯ (ନି.ପ୍ର): ବସୁଧା ପାନୀୟଜଳ ପିଇ ନୀଳଗିରି ବ୍ଲକର ୫ଜଣ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି।ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସାମ୍ନାକୁ ଆସିଲା ବିଭାଗର ଅସଲି ସତ।ଏହି ପାଣିକୁ ପିଇବାକୁ ଘରେଘରେ ପାଇପ୍ ଯୋଗେ ଯୋଗାଉଥିଲା ଆରଡବ୍ଲୁଏସ୍ଏସ୍ ବିଭାଗ। ଲଗାଣବର୍ଷା ପରେ ଲୋକଙ୍କୁ ଏବେ ଡରାଉଛି ଜଣ୍ଡିସ ରୋଗ।ସୂଚନା ମୁତାବକ ନୀଳଗିରି ବ୍ଲକ ଗରଡିହୀ ଗ୍ରାମରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ସେମାନେ ନିକଟ ବସୁଧା ଟାଙ୍କି ଓ ନଳକୂପ ଉପରେ ଭରଷା କରିଥାଆନ୍ତି।ହେଲେ ଅନେକ ସ୍ଥାନରେ ବସୁଧା ପାଇପ ଫାଟି ଥିବା ବେଳେ ବର୍ଷାର ଗୋଳିଆ ପାଣି ପାଇପ ଦେଇ ଭିତରେ ପ୍ରବେଶ କରୁଛି। ସେହିପରି ପାଇପର ଚାବି ଥିବା ସ୍ଥାନ ଗୁଡିକରେ ସଫା ହେଉନଥିବାରୁ ପାଣି ଜମି ପୋକସାଲୁବାଲୁ ହେଉଥିବାର ଦେଖିବାକୁ ମିଳିଛି। ନଳକୂପ ଗୁଡିକରେ ମଧ୍ୟ ଗୋଳିଆ ପାଣି ବାହାରୁଥିବାର ଦେଖିବାକୁ ମିଳିଛି। ସେହି ପାଣି ଗୁଡିକ ପିଇବା ଫଳରେ ପ୍ରଥମେ ଲୋକମାନେ ଜ୍ୱରରେ ପୀଡିତ ହେଉଛନ୍ତି ପରେ ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି।ଗାଁର ରଞ୍ଜିତ କୁମାର ପସା,ଜଗତଜୀବନ ଖିଲାର, ପ୍ରମୋଦ କୁମାର ଖିଲାର, ରଶ୍ମିରଞ୍ଜନ ଖିଲାର,ତନ୍ମୀ ପରିଡା ୫ ଜଣ ଏଯାବତ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି।କେବଳ ଏଇ ଗୋଟିଏ ଗାଁ ନୁହେଁ ନିକଟ ବାଙ୍କିସାହି ଗ୍ରାମର ପ୍ରଭାକର ବାରିକ ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ବସୁଧା ଟାଙ୍କି ଗୁଡିକୁ ସଫା କରିବା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କାର ବ୍ଲିଚିଂ ଓ ଏହାର ମରାମତି ନିମନ୍ତେ ଟଙ୍କା ଓ ଅଧିକାରୀଙ୍କୁ ନିୟୋଜିତ କରିଥିଲେ ମଧ୍ୟ ସେମାନେ ସଠିକ ଭାବରେ କାର୍ଯ୍ୟ କରୁନାହାନ୍ତି।କିମ୍ବା ସଠିକ୍ ଭାବରେ ତଦାରଖ କରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।ଟାଙ୍କି ବିଶୋଧନ ହେଉନଥିବାରୁ ଲୋକେ ଦୂଷିତ ଜଳ ପିଇ ରୋଗାଗ୍ରସ୍ତ ହେଉଛନ୍ତି। ଖବର ପ୍ରସାରଣ ପରେ ବିଭାଗୀୟ ଜେଇ ଗାଁକୁ ଯାଇଥିବା ବେଳେ ଲୋକେ ତାଙ୍କୁ ପୋକ ସାଲୁବାଲୁ ଟାଙ୍କି ଦେଖାଇଥିଲେ। ଅପରପକ୍ଷରେ କେବଳ ଆଶାଦିଦି, ସିଏଚଓ ଓ ଏଏନ୍ମ ଦିଦି ଜଣ୍ଡିସ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚକରିଥିବା ବେଳେ କୌଣସି ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚିନାହାନ୍ତି। ଏନେଇ ଆରଡବ୍ଲୁଏସ୍ଏସ୍ ବିଭାଗର ଯନ୍ତ୍ରୀ ମହେଶ୍ୱର ସିଂଙ୍କୁ ପଚାରିବାରୁ ବ୍ଲିଚିଂ ପଡୁଛି ,ପାଣି ମଧ୍ୟ ଟେଷ୍ଟପାଇଁ ନିଆଯାଇଛି । ପାଇପ ଫାଟିଥିବା ସ୍ଥାନ ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

## ୨୮ଟି ନବଗଠିତ ଏନଏସି ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ଉନ୍ନୟନ ପ୍ୟାକେଜ୍

### ନବଗଠିତ ସହରାଞ୍ଚଳରେ ମୌଳିକ ଭିତ୍ତିଭୂମି ଓ ଆଧୁନିକ ନାଗରିକ ସୁବିଧାକୁ ଗୁରୁତ୍ୱ

ଭୁବନେଶ୍ୱର,୩/୦୯ (ନି.ପ୍ର): ରାଜ୍ୟର ନବଗଠିତ ଏନଏସି ଗୁଡ଼ିକର ସାମଗ୍ରିକ ବିକାଶ ଏବଂ ନାଗରିକଙ୍କ ପାଇଁ ଉନ୍ନତ ମୌଳିକ ସୁବିଧା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନବଗଠିତ ୨୮ଟି ଏନଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏହି ସ୍ୱତନ୍ତ୍ର ପ୍ୟାକେଜ୍ ମାଧ୍ୟମରେ ନବଗଠିତ ସହରାଞ୍ଚଳଗୁଡ଼ିକରେ ଆବଶ୍ୟକୀୟ ନାଗରିକ ସୁବିଧା ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ପୌର କାର୍ଯ୍ୟାଳୟ ଭବନ ପାଇଁ ୬.୪୦ କୋଟି, ରାସ୍ତା ଓ ଡ୍ରେନ୍ ପାଇଁ ୩ କୋଟି, ମଡେଲ୍ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ୨ କୋଟି ଏବଂ ମଡେଲ୍ ସହରୀ ହାଟ ପାଇଁ ୧ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା ରହିଛି। ସେହିପରି ଶ୍ମଶାନ ପାଇଁ ୬୦ ଲକ୍ଷ , ଇଭି ଚାର୍ଜିଂ ଷ୍ଟେସନ୍ ୫୦ଲକ୍ଷ , ପାର୍କ ଓ ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍ ଅନ୍ୟନା ସମୁଦାୟିକ ଭିତିଭୂମି ପାଇଁ ୩ କୋଟି, କାଞ୍ଜିଆ ହୁଡା ଓ ବୁଲା ପ୍ରାଣୀ କଲ୍ୟାଣ ଭିତ୍ତିଭୂମି୫୦ ଲକ୍ଷ, ଜଳାଶୟର ଉନ୍ନୟନ ଓ ସୌନ୍ଦର୍ଯ୍ୟୀକରଣ ୧କୋଟି, ଷ୍ଟ୍ରିଟ୍ ଲାଇଟ୍ ପାଇଁ ୧କୋଟି ଏବଂ ସ୍ୱଚ୍ଛତା ଭିତ୍ତିଭୂମି ପାଇଁ ମଧ୍ୟ ୧କୋଟି ଏହି ପ୍ୟାକେଜ୍‌ରେ ବ୍ୟୟବରାଦ କରାଯାଇଛି। ମୋଟ ନବଗଠିତ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା କରାଯାଇଛି । ଉନ୍ନତ ରାସ୍ତା ଓ ଡ୍ରେନ୍ ଯାତାୟାତକୁ ସୁଗମ କରିବା ସହ ଜଳଜମା ସମସ୍ୟା ହ୍ରାସ କରିବ। ମଡେଲ୍ ମାର୍କେଟ୍ ଓ ସହରୀ ହାଟ ସ୍ଥାନୀୟ ବ୍ୟବସାୟୀ ଓ କ୍ଷୁଦ୍ର ବିକ୍ରେତାଙ୍କ ପାଇଁ ସୁସଂଗଠିତ ବ୍ୟବସାୟିକ ପରିବେଶ ସୃଷ୍ଟି କରିବ। ପାର୍କ, ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍, ଉନ୍ନତ ଷ୍ଟ୍ରିଟ୍ ଲାଇଟ୍ ଓ ସ୍ୱଚ୍ଛତା ବ୍ୟବସ୍ଥା ସହରାଞ୍ଚଳଗୁଡ଼ିକୁ ଅଧିକ ସୁରକ୍ଷିତ, ପରିଷ୍କାର ଓ ବାସପଯୋଗ୍ୟ କରିବ। ଏ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, "ନୂତନ ଭାବେ ଗଠିତ ଏନଏସିଗୁଡ଼ିକର ବିକାଶ ଆମ ସରକାରଙ୍କ ପ୍ରାଥମିକତା। କେବଳ ପ୍ରଶାସନିକ ପରିସର ବୃଦ୍ଧି ନୁହେଁ, ଏହି ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ନାଗରିକ ସୁବିଧା ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ। ଏହି ସ୍ୱତନ୍ତ୍ର ଉନ୍ନୟନ ପ୍ୟାକେଜ୍ ମାଧ୍ୟମରେ ପ୍ରତ୍ୟେକ ନୂତନ ଏନଏସିରେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି କରାଯିବ। ରାସ୍ତା, ଡ୍ରେନେଜ୍, ପରିମଳ, ହାଟ, ପାର୍କ, ଆଲୋକୀକରଣ ଏବଂ ଅନ୍ୟାନ୍ୟ ନାଗରିକ ସୁବିଧାକୁ ଗୁରୁତ୍ୱ ଦେଇ ଏହି ସହରାଞ୍ଚଳଗୁଡ଼ିକୁ ସୁନ୍ଦର, ସ୍ୱଚ୍ଛ ଓ ସୁବିଧାସମ୍ପନ୍ନ କରାଯିବ।" ଏହି ୨୮ଟି ନୂତନ ଏନଏସି ପାଇଁ ୨୦ କୋଟି ଟଙ୍କାର ପ୍ୟାକେଜ୍ ସେହି ଦିଗରେ ଏକ ସଶକ୍ତ ପଦକ୍ଷେପ। ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ହୋଇଛି। ଏହି ସ୍ୱତନ୍ତ୍ର ଉନ୍ନୟନ ପ୍ୟାକେଜ୍ ମାଧ୍ୟମରେ ନୂତନ ଏନଏସିଗୁଡ଼ିକର ଭବିଷ୍ୟତ ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। 'ବିକଶିତ ଓଡ଼ିଶା–୨୦୩୬'ର ଲକ୍ଷ୍ୟକୁ ସାମ୍ନାରେ ରଖି ସମାବେଶୀ, ସୁସଂଗଠିତ ଓ ଆଧୁନିକ ସହରାଞ୍ଚଳ ଗଠନ ଦିଗରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଏକ ନୂଆ ମାଇଲଖୁଣ୍ଟ ।

## ନଦୀରେ କୁମ୍ଭୀର ନୁହେଁ ଏଆଇ ଫଟୋ: ଗୁଜବ ସୃଷ୍ଟି ଅଭିଯୋଗରେ ୨ ଭାଇ ଗିରଫ

ଜୟପୁର,୩/୦୯ (ନି.ପ୍ର): ଜୟପୁର ବ୍ଲକ ଜୟନ୍ତୀଗିରି ପଂଚାୟତର ବଡ଼ପଡ଼ା ନଦୀରେ ୧୦ ଫୁଟିଆ କୁମ୍ଭୀର ଭାଇରାଲ ଘଟଣାରେ ପର୍ଦ୍ଦାଫାସ କରିଛି ବନ ବିଭାଗ। ନଦୀରେ କୌଣସି କୁମ୍ଭୀର ନାହିଁ, ବରଂ ଏହା ଏକ ଏଆଇ (ଇଓ) ପ୍ରସ୍ତୁତ ନକଲି ଫଟୋ ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ଏହି ମିଥ୍ୟା ଫଟୋ ଜରିଆରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇବା ଅଭିଯୋଗରେ ବୋରିଗୁମ୍ମା ବନ ବିଭାଗ ବଡ଼ପଡ଼ା ଗ୍ରାମର ଦୁଇ ଭାଇ ପୂର୍ଣ୍ଣ ଭୂମିଆ ଓ ସୁରେନ୍ଦ୍ର ଭୂମିଆଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ଆଇଟି ଆକ୍ଟ (ଓଞ୍ଚ ଇମଶ୍ମ) ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ, ଗତକାଲି ନଦୀ ପଠାରେ ଏକ ବିରାଟ କୁମ୍ଭୀର ଥିବା ନେଇ ଫଟୋ ଭାଇରାଲ ହେବା ପରେ ମାଲଦା ଓ ବଡ଼ପଡ଼ା ଅଂଚଳର ଚାଷୀ ତଥା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବନ ବିଭାଗ ତଦନ୍ତ କରିବା ପରେ ଏହା କେବଳ ଏକ ସୋସିଆଲ ମିଡିଆ ଗୁଜବ ବୋଲି ଜଣାପଡ଼ିଛି।

## ଝାରସୁଗୁଡ଼ାରେ ୫ ସେପ୍ଟେମ୍ବରରେ ନିଯୁକ୍ତି ଅଭିଯାନ

ଝାରସୁଗୁଡ଼ା,୩/୦୯ (ନି.ପ୍ର): ଚାକିରି ପ୍ରାର୍ଥୀମାନଙ୍କୁ ବିଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆସନ୍ତା ୫ ସେପ୍ଟେମ୍ବର (ଶନିବାର) ଏକ ନିଯୁକ୍ତି ଅଭିଯାନ (ରୋଜଗାର ମେଳା) ଆୟୋଜିତ ହେବ। ଏହି ନିଯୁକ୍ତି ଅଭିଯାନ ସକାଳ ୧୦ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ାସ୍ଥିତ ଡିଏମଏଫ୍ ଅଡିଟୋରିଅମର ଦ୍ୱିତୀୟ ମହଲାରେ ଅନୁଷ୍ଠିତ ହେବ। ଚାକିରି ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଏହି ସୁଯୋଗର ସଦ୍ୱ୍ୟବହାର କରି ନିର୍ଦ୍ଧାରିତ ସମୟରେ ଆବଶ୍ୟକ ଶିକ୍ଷାଗତ ପ୍ରମାଣପତ୍ର, ବାୟୋଡାଟା ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଏହି ନିଯୁକ୍ତି ଅଭିଯାନ ମାଧ୍ୟମରେ ବେକାର ଯୁବପିଢ଼ିଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

# ୬୫୦ତମ ଜନ୍ମବାର୍ଷିକୀ ଅବସରରେ ବାଲେଶ୍ୱରରେ କଳସ ବନ୍ଦନ ଶୋଭାଯାତ୍ରା

## ୩୩ ମଣ୍ଡଳକୁ ପ୍ରଦାନ ହେଲା ପବିତ୍ର ମାଟି କଳସ ବୁଥ୍‌ସ୍ତର ପର୍ଯ୍ୟନ୍ତ ପହଞ୍ଚିବ ଗୁରୁ ରବିଦାସଙ୍କ ସମାନତାର ବାର୍ତ୍ତା




ବାଲେଶ୍ୱର, ୩/୯ (ନି.ପ୍ର): ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବିଦାସଜୀଙ୍କ ୬୫୦ତମ ଜନ୍ମବାର୍ଷିକୀ ଅବସରରେ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହୋଇଛି ଭବ୍ୟ 'କଳସ ବନ୍ଦନ' ଶୋଭାଯାତ୍ରା ଓ ପବିତ୍ର ମାଟି କଳସ ବିତରଣ କାର୍ଯ୍ୟକ୍ରମ। ଗୁରୁ ରବିଦାସଙ୍କ ଜନ୍ମସ୍ଥାନ ବାରଣାସୀରୁ ଆସିଥିବା ପବିତ୍ର ମାଟିକୁ ନେଇ ଆୟୋଜିତ ଏହି ଶୋଭାଯାତ୍ରାରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତମାନଙ୍କ ଗହଣରେ ସିଦ୍ଧି କଲ୍ୟାଣ ମଣ୍ଡପରୁ ପବିତ୍ର ମାଟି କଳସକୁ ଶୋଭାଯାତ୍ରାରେ ଝାଡେଶ୍ୱର ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପଥସାରା ଗୁରୁ ରବିଦାସଙ୍କ ଜୟଗାନ ଓ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଝାଡେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ତଥା ଯାଜପୁର ସାଂସଦ ରବିନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ରବିଦାସଙ୍କ ଜୀବନ, ଆଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂଜ୍ୟ ସନ୍ଥ ବାବାଜୀ ଆତ୍ମାନନ୍ଦ ମହାରାଜ, ଯୋଗାଚାର୍ଯ୍ୟ ଅନନ୍ତ ମୁନି, ଆଚାର୍ଯ୍ୟ ବିଜୟଜୀ, ଶ୍ରୀନିବାସ ପାଠୀଶର୍ମା, ପ୍ରଦୀପ କୁମାର ପତି, ମୁକୁନ୍ଦ ଦାସ, ଜିଲ୍ଲା ପ୍ରଭାରୀ ଗୌତମ ରାୟ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପର୍ଶୁରାମ ପରିଡ଼ା, ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର ଓ ଅନ୍ୟତମ ସାଧାରଣ ସମ୍ପାଦକ ଅଶୁମାଧବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥାଇ ସେମାନଙ୍କ ବ୍ୟକ୍ତବ୍ୟରେ କହିଥିଲେ ଯେ, ଗୁରୁ ରବିଦାସ କେବଳ ଜଣେ ସନ୍ଥ ନୁହନ୍ତି, ସେ ଥିଲେ ସାମାଜିକ ସମରସତା ଓ ମାନବୀୟ ମର୍ଯ୍ୟାଦାର ଜଣେ ମହାନ ପ୍ରବକ୍ତା। ଜାତି, ବର୍ଣ୍ଣ ଓ ସାମାଜିକ ଭେଦଭାବ ବିରୋଧରେ ତାଙ୍କର ଚିନ୍ତାଧାରା ଆଜି ମଧ୍ୟ ସମାଜ ପାଇଁ ମାର୍ଗଦର୍ଶକ। ଗୁରୁ ରବିଦାସଙ୍କ ଦର୍ଶନରେ 'ବେଗମପୁରା'ର କଳ୍ପନା ଏକ ଏପରି ସମାଜର ପ୍ରତୀକ, ଯେଉଁଠି ଶୋଷଣ, ଅନ୍ୟାୟ, ଭୟ ଓ ଭେଦଭାବର ସ୍ଥାନ ନାହିଁ। ତାଙ୍କର ଏକ ପ୍ରସିଦ୍ଧ ଭଜନରେ ସେ ଏଭଳି ଏକ ଆଦର୍ଶ ସମାଜର କଳ୍ପନା କରିଥିଲେ, ଯେଉଁଠାରେ କୌଣସି ଜାତିଭେଦ, ଶୋଷଣ, ଦାରିଦ୍ର୍ୟ ବା ଭୟ ନଥିବ ଏବଂ ସମସ୍ତେ ସମାନ ଅଧିକାର ପାଇବେ ମଣିଷକୁ ତା'ର ଜାତି କିମ୍ବା ଜନ୍ମ ଆଧାରରେ ନୁହେଁ, ମଣିଷ ଭାବରେ ସମ୍ମାନ ଦେବା ଥିଲା ତାଙ୍କ ଚିନ୍ତାଧାରାର ମୂଳ ଆଧାର। ତାଙ୍କର ଶିକ୍ଷା ଥିଲା ଭକ୍ତି ସହିତ ମାନବିକତା, ଶ୍ରମର ସମ୍ମାନ ଓ ସମାଜରେ ସମାନ ଅଧିକାର। ଶତାବ୍ଦୀ ପରେ ମଧ୍ୟ ଏହି ଚିନ୍ତାଧାରାର ପ୍ରାସଙ୍ଗିକତା ଅତୁଟ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଗୁରୁ ରବିଦାସଙ୍କ ଜୀବନ ଓ ସଂଘର୍ଷ ଆଜିର ପିଢ଼ି ପାଇଁ ଏକ ବଡ଼ ପ୍ରେରଣା। ସାମାଜିକ ଅସମାନତା ବିରୋଧରେ ତାଙ୍କର ସ୍ୱର ଓ ସମସ୍ତଙ୍କ ପାଇଁ ସମ୍ମାନ ଏବଂ ସମାନତାର ଆହ୍ୱାନ ଆଜି ମଧ୍ୟ ସମାଜକୁ ନୂଆ ଦିଗ ଦେଖାଉଛି। ବକ୍ତାମାନେ କହିଥିଲେ, ଯୁଗ ବଦଳିଛି, ସମାଜ ବଦଳିଛି, କିନ୍ତୁ ମଣିଷ ମଧ୍ୟରେ ଭାଇଚାରା, ସମାନତା ଓ ସମରସତାର ଆବଶ୍ୟକତା କମିନାହିଁ। ଏହି କାରଣରୁ ଗୁରୁ ରବିଦାସଙ୍କ ବାଣୀ ଆଜି ମଧ୍ୟ ସମାନ ଭାବରେ ପ୍ରାସଙ୍ଗିକ। ସାଧୁସନ୍ଥଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ୩୩ଟି ମଣ୍ଡଳକୁ ବାରଣାସୀରୁ ଆସିଥିବା ପବିତ୍ର ମାଟି କଳସ ପ୍ରଦାନ କରାଯାଇଥିଲା। ଏହି କଳସ ପ୍ରତ୍ୟେକ ମଣ୍ଡଳରେ ଗୁରୁ ରବିଦାସଙ୍କ ଜୀବନ ଓ ଆଦର୍ଶକୁ ନେଇ ଆୟୋଜିତ କାର୍ଯ୍ୟକ୍ରମର ଏକ ପ୍ରମୁଖ ପ୍ରତୀକ ହେବ। ପ୍ରତ୍ୟେକ ମଣ୍ଡଳରୁ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶକ୍ତିକେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଗୁରୁ ରବିଦାସଙ୍କ ସମାନତା, ସାମାଜିକ ସମରସତା ଓ ମାନବିକତାର ବାର୍ତ୍ତା ପହଞ୍ଚାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ବେହେରା ସୂଚନା ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଗୁରୁ ରବିଦାସଙ୍କ ଜୀବନାଦର୍ଶ, ତାଙ୍କର ସମାଜ ସଂସ୍କାର ଚିନ୍ତାଧାରା ଏବଂ ସମାଜରେ ସମାନତା ପ୍ରତିଷ୍ଠା ପାଇଁ ତାଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ସଭାକାର୍ଯ୍ୟକୁ ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ ପରିଚାଳନା କରିଥିଲେ। ଟୋଲିର ଅନ୍ୟତମ ସଦସ୍ୟ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟଙ୍କା ପାଇଁ କାମ ...

କିନ୍ତୁ ସେଠାରେ ଶ୍ରୀ ହାଁସଦା ଉପସ୍ଥିତ ନଥିଲେ। ଅଭିଯୋଗକାରୀ ତାଙ୍କୁ ଫୋନ୍ କରିବାରୁ ସେ ଜୟପୁର ଛକକୁ ଆସିବାକୁ କହିଥିଲେ। ଅଭିଯୋଗକାରୀ ସେଠାରେ ପହଞ୍ଚିବା ପରେ ଶ୍ରୀ ହାଁସଦା ତାଙ୍କୁ ଓଡ଼-୦୨-ଓଖ-୩୩୨୫ ନମ୍ବର ବିଶିଷ୍ଟ ନିଜ ଡବଲକ୍ୟାବ କାର ଭିତରେ ବସିବାକୁ ତାଙ୍କୁ କହିଥିଲେ। କାର ଭିତରେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଏହାପରେ ଶ୍ରୀ ହାଁସଦାଙ୍କ କାର୍ଯ୍ୟାଳୟ ଏବଂ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ କ'ଣ ସବୁ ମିଳିଛି ସେ ନେଇ ଭିଜିଲାନ୍ସ ପକ୍ଷରୁ କିଛି ତଥ୍ୟ ଦିଆଯାଇନାହିଁ। ଏହି ଘଟଣାକୁ ନେଇ କଟକ ଭିଜିଲାନ୍ସ ଥାନାରେ ଶ୍ରୀ ହାଁସଦାଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

### କକ୍ରୋଚ ଜନତା...

କିନ୍ତୁ ସମୟକ୍ରମରେ ଏହା ଏବେ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିର ହାତ ବାରିସରେ ପରିଣତ ହୋଇଛି। ସେମାନଙ୍କ ଏକମାତ୍ର ଲକ୍ଷ୍ୟ ରାଜନୀତି ଡିଲ୍। ଦେଶର ଶିକ୍ଷାର୍ଥୀ କିମ୍ବା ଅନ୍ୟ ରାଜ୍ୟର ଲୋକମାନେ ସାମ୍ନା କରୁଥିବା ସମସ୍ୟା ବିରୋଧରେ ଲଢ଼େଇ କରିବାକୁ ସେମାନେ ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ସେମାନେ କେବଳ କେଜ୍ରିୱାଲଙ୍କ କଥାରେ କାମ କରୁଛନ୍ତି। ସେମାନଙ୍କ ଏକମାତ୍ର ଲକ୍ଷ୍ୟ ହେଲା ବିଜେପିକୁ ବିରୋଧ କରିବା। ବିଜେପି ବିରୋଧୀ ଦଳଗୁଡ଼ିକର ସାଥ ଦେବା।" ବ୍ରହ୍ମଭଟ୍ଟ ଅଭିଯୋଗ କରିଛନ୍ତି ଯେ ସିଜେପି ଟିମ ପାଇଁ ଚୟନ ହୋଇଥିବା ୮ ସଦସ୍ୟଙ୍କ ଲିଙ୍କ ଆପ୍ ସହ ରହିଛି। ତେବେ ଏହି ଦାବିର ସତ୍ୟତା ଜଣାପଡ଼ିନି। ବ୍ରହ୍ମଭଟ୍ଟ ଆହୁରି ଦାବି କରିଛନ୍ତି ଯେ କିଛି ସ୍ୱେଚ୍ଛାସେବୀ ସମଗ୍ର ଭାରତରେ ହେଉଥିବା ଆନ୍ଦୋଳନକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଗୋଟିଏ ଜାତୀୟ ବ୍ୟବସ୍ଥା କରିବାକୁ କହିଥିଲେ। ହେଲେ ସେମିତି କିଛି ବି କରାଯାଇ ନାହିଁ। ତେଣୁ ବ୍ରହ୍ମଭଟ୍ଟ ସମାନ୍ତରଳ ଭାବେ ସିଜେପି-ଡି ଗଠନ କରିଥିବା କହିଛନ୍ତି।

### ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା: ତୃତୀୟ...

ଦିଆଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ପାରି ନାହିଁ। ବ୍ଲକରବିଷ୍ଣୁପୁର, ଜାମକୁଣ୍ଡା, ବାଲିଆପାଳ, ମଧୁପୁରା, ଅସ୍ତି, ନିଖିରା, କୁମ୍ଭାରୀ, ଶ୍ରୀରାମପୁର, ଦେଭୋଗ ପ୍ରଭୃତି ୧୦ଟି ପଞ୍ଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ବନ୍ୟା ମୁକାବିଲାରେ ପ୍ରସାଶନିକ ବିଫଳତା ଲୋକ ମାନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଯାହାଫଳରେ ବନ୍ୟା ପ୍ରଭାବିତ ଲୋକମାନେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଯଥାଶୀଘ୍ର ସରକାର ଗୁରୁତ୍ୱ ଦେବାକୁ ସ୍ୱର ଉଠିଲାଣି। ପ୍ରତିବର୍ଷ ଚୁଡା, ଗୁଡ ନ ବାଣ୍ଟି ଲୋକଙ୍କ ଧନଜୀବନ ରକ୍ଷା କରିବା ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ଯୁବ ବିକାଶ, ବାଘାଯତିନ ସ୍ମୃତି ପରିଷଦ, ପୂର୍ବତନ ସୈନିକ ସଂଗଠନ ସମେତ ବ୍ଲକ କଂଗ୍ରେସ ଦାବି କରିଛି।

## ବିଭିନ୍ନ ଫୁଡ ଆଉଟଲେଟରେ ଯାଂଚ୍: ମିଆଦ ଶେଷ ହୋଇଥିବା ସାମଗ୍ରୀ ନଷ୍ଟ

ଗଞ୍ଜାମ, ୩/୯ (ନି.ପ୍ର): ବ୍ରହ୍ମପୁରରେ ବିଭିନ୍ନ ବ୍ରାଣ୍ଡ ଚେନ ଯେପରିକି କେଏଫସି, ଡୋମିନୋସ ପିଜା, ପିଜା ହଟ, ଶିକାଗୋ ପିଜା, ବେଲଜିଅନ ୱାଫଲ, ବର୍ଗର କମ୍ପାନୀ, କାଫେ କଫି ଡେ, ଫ୍ରୋଜନ ବୋଟଲ, ମର୍ଗିନିସ, ଉଇନି କେକ୍ସ ଆଦି ଦୋକାନରେ ଯାଂଚ୍ କରାଯାଇଥିଲା। ପ୍ରାୟ ପଂଚାଳିଶ କେଜି ମିଆଦ ସରିଥିବା ତେଲ, କେକ୍, ଆଇସକ୍ରିମ, ଫ୍ଲେଭର ସିରପ ନଷ୍ଟ କରାଯାଇଛି। ସମସ୍ତ ଦୋକାନକୁ ପରିଚ୍ଛନ୍ନତା ରଖିବା, ମିଆଦ ଶେଷ ସାମଗ୍ରୀ ବ୍ୟବହାର ନ କରିବା ଓ ଶିଡ୍ୟୁଲ ଚାରି ହାତ ନିୟମ ଅନୁସାରେ ବ୍ୟବସାୟ କରିବାକୁ ନୋଟିସ ଦିଆଯାଇଛି। ପିଜା ହଟ, ଡୋମିନୋସ ଓ ଅନ୍ୟ ଦୋକାନରେ ପନିରକୁ ଆୟୋଡିନ ସଲ୍ୟୁସନରେ ପରୀକ୍ଷା କରାଯାଇଥିଲା। ମୋଟ ପାଂଚ ହଜାର ଟଙ୍କା ଜରିମାନା କରାଯାଇଛି।

## ପଂଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ




ଉଦଳା, ୩/୯ (ନି.ପ୍ର): ଉଦଳା ବ୍ଲକର ଆମ୍ବଡ଼ିହାସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ପଂଚାୟତ ସ୍ତରୀୟ ସମନ୍ୱୟ ମେଳା ଚଳିତ ସେପ୍ଟେମ୍ବର ୨ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ବଡ଼ସିଙ୍ଗାରିଆ ଗ୍ରାମପଂଚାୟତ ଏହି ମେଳା ଆୟୋଜନ କରିଥିବା ବେଳେ ମୟୂରଭଂଜ ଜିଲ୍ଲାରେ ଏହା ପ୍ରଥମ ପଂଚାୟତ ସ୍ତରୀୟ ସମନ୍ୱୟ ମେଳା ବୋଲି କୁହାଯାଉଛି। ଦିବସ ବ୍ୟାପି ଚାଲିଥିବା ଏହି ମେଳାରେ ବିଭିନ୍ନ ବିଭାଗ ତରଫରୁ ପ୍ରଦର୍ଶନି ଷ୍ଟଲ ଖୋଲା ଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା, ସାଧାରଣ ସଭା ଓ ସଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା। ପରିବେଶ ଫାଉଣ୍ଡେସନ ଓ ଯୁବ ବିକାଶ ସହିତ ଗ୍ରାମ ବିକାଶ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସ୍ଥାନୀୟ ସରପଂଚ ସୁନାରାମ ଟୁଡୁ ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ରେଡ଼ିଓ ବାଘାଯତିନର ଉପସ୍ଥାପକ ଦେବେନ୍ଦ୍ର ରାଉଳ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ବିଧାୟକ ଭାସ୍କର ମଢ଼େଇ ଉକ୍ତ ମେଳାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ମଂଚାସୀନ ଅତିଥି ଭାବରେ ଯୋଗଦେଇଥିବା ଉଦଳା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି, ଯୁବ ବିକାଶର ଗୋବିନ୍ଦ ବଲ୍ଲଭ ଦଳେଇ, ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ହୃଦାନନ୍ଦ ବେହେରା, ପ୍ରାଣିଧନ ଚିକିତ୍ସକ ଡ଼ା. ପୁଷ୍ପିତା ପାତ୍ର, ସାମ୍ବାଦିକ ସନ୍ତୋଷ ବାଛିନି, ମୌନଧ୍ୱନିର ପ୍ରବିର ଜେନା, ଗ୍ରାମ ବିକାଶର ସନ୍ତୋଷ ପାତ୍ର, ସ୍ୱେଚ୍ଛାସେବି ଶତ୍ରୁଘ୍ନ ବିଶ୍ୱାଳ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ସମନ୍ୱୟର ଅଭାବ ଯୋଗୁଁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଂଚି ପାରୁ ନାହିଁ, ଫଳରେ ଲୋକେ କିପରି ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ। ବ୍ଲକ ମହାସଂଘର ସଭାପତି ବିଷ୍ଣୁପ୍ରିୟା ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ବେଶ ମନଛୁଆଁ ହୋଇଥିଲା ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ।

## ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବା ସୁଶାନ୍ତ କୁମାର ପୁରୋହିତଙ୍କ ଓଡ଼ିଶାର ବରିଷ୍ଠ ଅଧିକାରୀମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ

### ପାରାଦୀପ ବନ୍ଦର ବିକାଶ, ସଂଯୋଗୀକରଣ, ଭିତ୍ତିଭୂମି ଏବଂ ଆଞ୍ଚଳିକ ସାମୁଦ୍ରିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ

ପାରାଦୀପ, ୩/୯ : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ପାରାଦୀପ ବନ୍ଦର ର ନବ ନିଯୁକ୍ତ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତ କରିଛନ୍ତି।ଓ ତତ ସଙ୍ଗେ ସଙ୍ଗେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଏନବିଏସ ରାଜପୁତ, ରାଜସ୍ୱ ବୋର୍ଡ ସଦସ୍ୟ ସତ୍ୟବ୍ରତ ସାହୁ, ଜଳ ସମ୍ପଦ ବିଭାଗର ସଚିବ ଶ୍ରୀମତୀ ଶୁଭ ଶର୍ମା ଙ୍କୁ ପୃଥକ ପୃଥକ ଭାବେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଆଲୋଚନା ରେ ପାରାଦୀପ ବନ୍ଦରର ବିକାଶ ଏବଂ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ପୁରୋହିତ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଏବଂ ପୂର୍ବତଟ ରେଳପଥର ସଦସ୍ୟ ସଞ୍ଜୟ କୁମାର ମିଶ୍ରଙ୍କ ସହିତ ସାକ୍ଷାତ କରି ପାରାଦୀପ ବନ୍ଦରର ସଂଯୋଗୀକରଣ, ରେଳ ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ଗୁଡିକ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡ଼ିଶା ସରକାର ଏବଂ ପୂର୍ବତଟ ରେଳପଥ ମଧ୍ୟରେ ଉକ୍ତ ଅଞ୍ଚଳର ସାମୁଦ୍ରିକ ଏବଂ ଶିଳ୍ପ ବିକାଶ ପାଇଁ ରଣନୈତିକ ଗୁରୁତ୍ୱର ବିଷୟ ଉପରେ ଆହୁରି ମଜବୁତ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ପ୍ରୟାସଗୁଡ଼ିକ ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ସାମୁଦ୍ରିକ ଭିତ୍ତିଭୂମି, ଲଜିଷ୍ଟିକ୍ସ, ବାଣିଜ୍ୟ ଏବଂ ଆଞ୍ଚଳିକ ବିକାଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି, ଯାହା ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶ ପଥ ଭାବରେ ପାରାଦୀପର ସ୍ଥିତିକୁ ଆହୁରି ମଜବୁତ କରିବ।

## ଯୌତୁକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ: ଯୌତୁକ ନିଷେଧ ଅଧିନିୟମ, ୧୯୬୧ ସମ୍ପର୍କିତ ଏକଦିବସୀୟ କର୍ମଶାଳା



ଭଦ୍ରକ, ୩/୯ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଭଦ୍ରକ ପକ୍ଷରୁ ଆଜି ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକଠାରେ "ଯୌତୁକ ନିଷେଧ ଅଧିନିୟମ, ୧୯୬୧" ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ସରୋଜ କୁମାର ଦଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ମହିଳାମାନଙ୍କ ସଶକ୍ତିକରଣ ସହ ମାନସିକତା ଓ ସାମାଜିକ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କର୍ମଶାଳାର ଅଧ୍ୟକ୍ଷ ତଥା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଯୌତୁକ ନିଷେଧ ଅଧିନିୟମ, ୧୯୬୧ର ବ୍ୟାପକ ପ୍ରଚାର ଓ କାର୍ଯ୍ୟକାରୀ ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୌତୁକ ପ୍ରଥା ବିରୋଧରେ ତୃଣମୂଳ ସ୍ତରରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଆଇନର ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଦିଗରେ ସମସ୍ତ ବିଭାଗ ଓ ସମାଜର ବିଭିନ୍ନ ବର୍ଗର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିନିଧି ମୋନାଲିସା କର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ଡକ୍ଟର ତାପସ କୁମାର ମହାନ୍ତି ଏବଂ ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି କନକଲତା ସାହୁ ପ୍ରମୁଖ ଯୋଗଦେଇ ଯୌତୁକ ପ୍ରଥା ନିରାକରଣ, ଆଇନର ଗୁରୁତ୍ୱ ଏବଂ ଏ ଦିଗରେ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ। କର୍ମଶାଳାରେ ସମ୍ବଳ ବ୍ୟକ୍ତି ଭାବେ ଭଦ୍ରକ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ ଏବଂ ଗଙ୍ଗାଧର ବଳ ଯୋଗଦେଇ ଯୌତୁକ ନିଷେଧ ଅଧିନିୟମ, ୧୯୬୧ର ବିଭିନ୍ନ ଆଇନଗତ ଦିଗ, ଯୌତୁକ ନେବା-ଦେବା ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଏବଂ ଏହାର ଅନୁପାଳନ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।ଏଥିସହ ବିଭିନ୍ନ ସମାଜସେବୀମାନେ ଯୋଗଦେଇ ଯୌତୁକ ପ୍ରଥାର କୁପ୍ରଭାବ, ଏହା ଦ୍ୱାରା ମହିଳାମାନେ ସମ୍ମୁଖୀନ ହେଉଥିବା ସାମାଜିକ ସମସ୍ୟା ଏବଂ ଏହି କୁପ୍ରଥାକୁ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଆଇସିଡିଏସ୍ ପ୍ରକଳ୍ପର ସିଡିପିଓ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଉପସ୍ଥିତ ରହି କର୍ମଶାଳାରୁ ଆବଶ୍ୟକୀୟ ତାଲିମ ଓ ସୂଚନା ଗ୍ରହଣ କରିଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ରାସ୍ତାକଡ଼ ପରିବାର: ସ୍ୱାସ୍ଥ୍ୟ ସଚେତନତା ସହ ରିଲିଫ୍ ବଣ୍ଟନ

ବାଲିଆପାଳ, ୩/୯ (ନି.ପ୍ର): ଚଳିତ ବର୍ଷ ଲଗାତାର ବନ୍ୟା ଲୋକଙ୍କ ଧନଜୀବନ ନଷ୍ଟ କରିବା ସହ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ମହାବଳା ଛକଠାରୁ ପାଞ୍ଚୁପାଲି ଛକ ପର ?ୟ୍ୟନ୍ତ ରାସ୍ତାକଡ଼ରେ ବସବାସ କରୁଥିବା ପରିବାର ଗୁଡ଼ିକଙ୍କ ନିକଟରେ। ବର୍ତ୍ତମାନ ସୁଦ୍ଧା ଏହି ପରିବାର ଗୁଡ଼ିକର ଘର ଅଗଣାରେ ପାଣି ଜମି ରହିଥିବା ବେଳେ ଘରର ବାରଣ୍ଡାଗୁଡ଼ିକ କାଦୁଅରେ ସନ୍ତସନ୍ତ ହୋଇ ରହିଛି। ଅନେକ ଘରର ମାଟିକାନ୍ଥ ଭାଙ୍ଗିଯାଇଥିବାରୁ ପୁରୁଣା ଲୁଗାପଟାରେ ଘରକୁ ଘେରି ରଖାଯାଇଛି। ଅଧିକାଂଶ ପରିବାର ଭୂମିହୀନ ଓ ଦିନମଜୁରିଆ ହୋଇଥିବାରୁ ବନ୍ୟା ପରେ ଜୀବିକା ନିର୍ବାହ କରିବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ନିଜ ନାମରେ ଘର ପଟ୍ଟା ନଥିବାରୁ ଏହି ପରିବାରଗୁଡ଼ିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁବିଧାରୁ ମଧ୍ୟ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ସେହିପରି ନଳକୂପର ସୁବିଧା ନଥିବାରୁ ପାନୀୟ ଜଳ ସଂଗ୍ରହ ପାଇଁ ମହିଳାମାନଙ୍କୁ ପ୍ରାୟ ଏକ କିଲୋମିଟରରୁ ଅଧିକ ଦୂର ଚାଲିବାକୁ ପଡୁଛି। ପ୍ରଶାସନ ତରଫରୁ କେବଳ ୧ କେଜି ଚୁଡା ଓ ଗୁଡ଼ ୫୦ ଗ୍ରାମ ପ୍ରତି ପରିବାରକୁ ମିଳିଛି। କୌଣସି ଘରକୁ ପଲିଥିନ ମିଳିନାହିଁ କି ବନ୍ୟା କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକ ଙ୍କ ଦେଖା ମଧ୍ୟ ନାହିଁ। ଚଳିତ ବନ୍ୟା ସମୟରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଏହି ଅସହାୟ ପରିବାରଗୁଡ଼ିକର ଦୁର୍ଦ୍ଦଶା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସାମାଜିକ ସଂଗଠନ "ଆମ ଅଧିକାର ଫାଉଣ୍ଡେସନ" ତରଫରୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଥିଲା। ସଂଗଠନର ପ୍ରତିଷ୍ଠାତା ଶ୍ରୀ ପାତ୍ରଙ୍କ ସହ ସଦସ୍ୟ ଗୋବିନ୍ଦ ବେହେରା, କଟି ମାରାଣ୍ଡି ଓ ଆଶିଷ ସାହୁଙ୍କ ଆର୍ଥିକ ସହଯୋଗରେ ଗତକାଲି ଏହି ପରିବାର ଗୁଡ଼ିକ ନିକଟରେ ସ୍ୱାସ୍ଥ୍ୟ ସଚେତନତା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କୁ ସାନିଟାରୀ ପ୍ୟାଡ୍, ଫିନାଇଲ, ବ୍ଲିଚିଂ ପାଉଡର, ସାବୁନ ଆଦି ଦିଆଯାଇଥିବା ବେଳେ ବିସ୍କୁଟ, ମୁଢ଼ି, ମିକ୍ସଚର ଓ ପାଣି ବୋତଲ ମଧ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବଳା ଗ୍ରାମର ଆଶାକର୍ମୀ ବିସୋୟା ପାଳ, ବାଲିକୁଟି ପଞ୍ଚାୟତର ଏମ୍ଫିକେ ଶୁଭଶ୍ରୀ ପାତ୍ର ଓ ପ୍ରେରଣା ଦିଦି କବିତା ବିଶ୍ୱାଳ ଉପସ୍ଥିତ ଥିଲେ। ସଂଗଠନର ମହିଳା ସଦସ୍ୟ ସନ୍ତୋଷିନୀ ପଣ୍ଡା ଓ ବନ୍ଦିତା ସାମଲଙ୍କ ସହ ଆଶାକର୍ମୀ ଶ୍ରୀମତୀ ପାଳ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରିଥିଲେ। ବିଶେଷକରି ସାନିଟାରୀ ପ୍ୟାଡ୍, ଫିନାଇଲ ଓ ବ୍ଲିଚିଂ ପାଉଡରର ସଠିକ୍ ବ୍ୟବହାର ଓ ଏହାର ଉପଯୋଗିତା ସମ୍ପର୍କରେ ମହିଳାମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ଅଜୟ କୁମାର ଜେନା, ପ୍ରିୟନାଥ ମୁର୍ମୁ, ଜୟନ୍ତ ହଟେଇ, ଫଗୁ ହେମ୍ବ୍ରମ, ରାଜେନ୍ଦ୍ର ବେହେରା, ଅମର ପଟ୍ଟାୟତ, ଶୁଭ୍ରାଂଶୁ ଶେଖର ସାହୁ, ଭବେଶ ମଣ୍ଡଳ ଓ ସଞ୍ଜୟ କୁମାର ଦତ୍ତ ପ୍ରମୁଖ ସହଯୋଗ କରିଥିଲେ। ବନ୍ୟା ପରେ ଏହି ପରିବାର ଗୁଡ଼ିକର ମୌଳିକ ସୁବିଧା, ଆବାସ ଓ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ତାମୁଲିଆ ଓଭରବ୍ରିଜ୍ ନିମ୍ନମାନର ନିର୍ମାଣର ତଦନ୍ତ: ତୁରନ୍ତ ମରାମତି ଓ ନୂତନ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି

ବାଲେଶ୍ୱର, ୩/୯ (ନି.ପ୍ର): ଗତ ୨୦୧୯ ମସିହା ଫେବୃଆରୀ ୧୩ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରରୁ ବାଲେଶ୍ୱର ସହରକୁ ପ୍ରବେଶ ପଥ ତାମୁଲିଆ ରେଳଫାଟକ ଉପରେ ଏକ ଓଭରବ୍ରିଜ୍‌କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ସହରକୁ ମୁଖ୍ୟ ପ୍ରବେଶ ପଥରେ ରେଳ ଫାଟକ ସମସ୍ୟାର ସ୍ଥାୟୀ ସାମାଧାନ ହୋଇଥିବାରୁ ସହରବାସୀ ଓ ଜିଲ୍ଲାବାସୀ ଆନନ୍ଦ ପ୍ରକାଶ କରିଥିଲେ। ଏଥିପାଇଁ ସରକାରୀ ରାଜକୋଷରୁ ୬୩୫୫.୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଏହି ଓଭରବ୍ରିଜ୍‌ର ନିର୍ମାଣ ଶୈଳୀ ତ୍ରୁଟିପୂର୍ଣ୍ଣ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଜନିତ କାରଣରୁ ଧନ ଓ ଜୀବନ ନଷ୍ଟ ହେଉଛି। ନିମ୍ନମାନର ନିର୍ମାଣ ଯୋଗୁଁ ପୋଲର ପ୍ରତିବର୍ଷ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଅଣଓସାରିଆ ଓଭରବ୍ରିଜ୍ ହୋଇଥିବାରୁ ଦୁଇଟି ଚାରିଚକିଆ ଗାଡ଼ି ମଧ୍ୟ ସ୍ୱଚ୍ଛନ୍ଦରେ ଚଳାଚଳ କରିପାରୁନାହିଁ। ଓଭରବ୍ରିଜ୍‌ର ଉପରିଭାଗ ଓ ଦୁଇ ପାର୍ଶ୍ୱରେ ପୋଲ ସଂଲଗ୍ନ ରାସ୍ତା ଦୁଇଚକିଆ ଯାନର ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ରାସ୍ତା ଓ ଗୃହନିର୍ମାଣ ବିଭାଗ(ନଂ-୧)ର ଅଧିକ୍ଷଣ ଯନ୍ତ୍ରୀ ଇଂ. ଲମ୍ବୋଦର ନାୟକଙ୍କୁ ସାକ୍ଷାତ କରି ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଓଭରବ୍ରିଜ୍ ନିର୍ମାଣରେ ତ୍ରୁଟି ଓ ଅର୍ଥ ତୋଷରପାତ ଅଭିଯୋଗର ତଦନ୍ତ ସହ ତୁରନ୍ତ ଉନ୍ନତ ଧରଣର ସଂପୂର୍ଣ୍ଣ ମରାମତି କାର୍ଯ୍ୟ କରିବାକୁ ଦାବି କରାଯାଇଛି। କୁରୁଡ଼ା ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟକୁ ରାସ୍ତା ଚଉଡ଼ା କରାଯାଉଥିବାରୁ ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥ ତାମୁଲିଆ ଓଭରବ୍ରିଜ୍ ପାର୍ଶ୍ୱରେ ଅନ୍ୟ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ନାୟକ ମରାମତି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାର ଓ ବର୍ଷା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସିଭିଲ୍ ସୋସାଇଟିକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଜଣାଯାଇଛି। ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଓ ଅନ୍ୟ ଏକ ନୂତନ ଓଭର୍‌ବ୍ରିଜ୍ ନିର୍ମାଣ ଦାବିକୁ ସେ ବିଭାଗୀୟ ଉଚ୍ଚ ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ଓ ସାକ୍ଷାତ ଆଲୋଚନା ବେଳେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସଂପାଦକ ବରିଷ୍ଠ ଆଇନଜୀବୀ ମନୋଜ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଦସ୍ୟ କମଳାକାନ୍ତ ବେହେରା ଉପସ୍ଥିତ ଥିଲେ।

# ଗଣିତ ପୁସ୍ତକ ଉନ୍ମୋଚନ

ଖୋର୍ଦ୍ଧା, ୩/୯ (ନି.ପ୍ର): ନୂତନ ଭାବେ ଲାଗୁ କରାଯାଇଥିବା ଏନ. ଇ. ପି ପାଠ୍ୟକ୍ରମ ଅନୁସାରେ ଯୁକ୍ତ ତିନ ସ୍ନାତକ ଶିକ୍ଷା ନିମନ୍ତେ ପ୍ରସ୍ତୁତ ଗଣିତ ସମ୍ମାନ ପୁସ୍ତକ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟରେ ଗତ ୨୬/୦୮/୨୦୨୬ ରେ ଉନ୍ମୋଚିତ ହୋଇଛି। ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଗଣିତ ସମ୍ମାନ ପାଇଁ ଉଦ୍ଦିଷ୍ଟ ସାତ ଗୋଟି ପୁସ୍ତକ ଲୋକାର୍ପିତ କରିଛନ୍ତି। ଏହି ପୁସ୍ତକ ମାନଙ୍କ ମଧ୍ୟରେ ଅଛି କାଲକୁଲସ-ଓ, ଆଲଜେବ୍ରା ଆଣ୍ଡ ନମ୍ବର ଥିଓରୀ, ଡିସକ୍ରିଟ ମାଥମାଟିକ୍ସ, ରିଅଲ ଅନାଲିସିସ-୨, ରିଅଲ ଅନାଲିସିସ-୩, କମ୍ପ୍ଲେକ୍ସ ଅନାଲିସିସ-୧ ଓ ପ୍ରୋବାବିଲିଟି। ଏହି ପୁସ୍ତକ ଗୁଡିକ ପିଏନ ମହାବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପିକା କ୍ରିଷ୍ଣା ମଞ୍ଜରୀ ସାହୁ ଏବଂ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଗଣିତ ବିଭାଗ ର ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ପ୍ରଧାନ ଙ୍କ ଦ୍ୱାରା ଲିଖିତ ହୋଇଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଦୁଇ ଲେଖକ ଙ୍କର ଉଚ୍ଚ ପ୍ରଶଂସା କରିବା ସହ ଓଡ଼ିଶା ତଥା ଭାରତ ର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଲେଖା ଜାରି ରହିବା ପାଇଁ ଶୁଭେଚ୍ଛା ଦେଇଛନ୍ତି।



# ଦୂର୍ଗାପୁର ଗ୍ରାମକୁ ରାସ୍ତାନାହିଁ : ଧାରଣା ବସିବେ ଓ ଭୋଟ ବର୍ଜନ କରିବେ ଗ୍ରାମବାସୀ



ଖଇରା, ୩/୯ (ନି.ପ୍ର): ଖଇରା ବ୍ଲକ ମାଖନପୁର ପଞ୍ଚାୟତର ଦୁର୍ଗାପୁର ଗାଁ ଏବେ ସମସ୍ୟା ଘେରରେ ଉବୁଟୁବୁ । ସାମାନ୍ୟ ବର୍ଷା ଗ୍ରାମବାସୀ ଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । କେମିତି ଗାଡି ଖଣ୍ଡେ ଧରି ପାଣି କାଦୁଅ ଭର୍ତ୍ତି ରାସ୍ତା ଏବଂ ବିପଦସଂକୁଳ ପୋଲ ଦେଇ ବାହାରକୁ ବାହାରିବେ,ନିଜ ପିଲାମାନଙ୍କୁ କିଭଳି ଅଙ୍ଗନୱାଡି, ହାଇସ୍କୁଲ ଓ ୟୁପି ସ୍କୁଲରେ ପହଞ୍ଚାଇବେ ତାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ପଡନ୍ତି । ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏମିତି କୌଣସୀ କୌଣସୀ ନେତା ନାହାଁନ୍ତି ଯାହାକୁ ସେମାନେ ଗୁହାରି କରିନାହାଁନ୍ତି । ବ୍ଲକ ଠାରୁ ଆରମ୍ଭ କରି ଜିଲାସ୍ତରର ସର୍ବୋଚ୍ଚ ଅଧିକାରୀ ଜିଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରିସାରିବା ପରେ ବି ରାସ୍ତା କି ପୋଲ ନିର୍ମାଣ ହୋଇ ପାରିନାହିଁ । ଯୁଦ୍ଧ କାଳିନ ଭିତ୍ତିରେ ରାସ୍ତା ଓ ପୋଲ ନିର୍ମାଣ କରାନଗଲେ ସମୂହ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମର ବିଦ୍ୟାଧର ବେହେରା ପ୍ରଦୀପ ବେହେରା, ଅନାଦି ଚରଣ ସାହୁ, ଗୌରାଙ୍ଗ ବାରିକ,ବାବାଜି ବାରିକ ଓ ପଙ୍କଜ ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି । ଉକ୍ତ ଗ୍ରାମର ଲୋକସଂଖ୍ୟା ପାଖାପଖି ୧ହଜାର୫ଶହ । ତରାଙ୍ଗ ମୁଖ୍ୟଛକରୁ ଦୂର୍ଗାପୁର ଗାଁର ଦୂରତା ପାଖାପଖି ୧କିମି । ଏହି ରାସ୍ତା ଦେଇ କେବଳ ଦୁର୍ଗାପୁର ନୁହେଁ ରଫାୟାତପୁର, ଜହ୍ନିଆପଦା, ଭାଟପଡା,ରାଇପଡା ଗ୍ରାମର ଅଧିବାସୀ ତଥା ଟ୍ରେନ ଧରିବାକୁ ମାର୍କୋଣା ଷ୍ଟେସନ ଉପରେ ନିର୍ଭର କରିଥାନ୍ତି । ଏହାଛଡା ଗାଁରେ ଅଙ୍ଗନୱାଡି ନଥିବାରୁ ଛୋଟ ଛୋଟ ପିଲା ମାନେ ୨କିମି ଦୁର କାଶିନ୍ଦିପୁର ଗ୍ରାମ ଅଙ୍ଗନୱାଡି ଏବଂ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ମାନେ ମାଖନପୁର ଏବଂ ତରାଙ୍ଗ ହାଇସ୍କୁଲ ଉପରେ ନିର୍ଭର କରିଥାନ୍ତି । ନିଜଗାଁରେ ଭୋଟଦାନ କେନ୍ଦ୍ର ନଥିବାରୁ ଭୋଟ ଦେବାକୁ ପଡୋଶୀ କାଶିନ୍ଦିପୁର ଯାଇଥାନ୍ତି । ଏଣୁ ସବୁ କାମରେ ବାହାରକୁ ଯିବାକୁ ପଡୁଥିବା ବେଳେ ଏକମାତ୍ର ସାହାରା ଭାବେ ପାଣିକାଦୁଅ ପରିପୁର୍ଣ୍ଣ ରାସ୍ତା ଏବଂ ରାସ୍ତା ସଂଲଗ୍ନ ନାଳ ଉପରେ ବିପଦ ସଂକୁଳ ପୋଲ ପ୍ରତିମୁହୂର୍ତ୍ତରେ ଯାତ୍ରୀଙ୍କୁ ଯମଜନ୍ତ୍ରଣା ଦେଉଛି । ସ୍ୱାଧିନତାର ୭୯ ବର୍ଷ ପରେ ମଧ୍ୟ ସବୁ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ରହିବା ଗ୍ରାମବାସୀଙ୍କ ପାଇଁ ଅଭିଶାପ ବୋଲି ତରାଙ୍ଗ ରାମକୃଷ୍ଣ ସେବାଶ୍ରମର ପ୍ରତିଷ୍ଠାତା ମଣିଭଦ୍ର ବେହେରା କହିଛନ୍ତି । ରାସ୍ତା ସମ୍ପର୍କରେ ଖଇରା ବିଡିଓ ନାରାୟଣ ସାହୁଙ୍କ ସହ ଯୋଗଯୋଗ କରିବାରେ ସେ ଯନ୍ତ୍ରୀଙ୍କୁ ପଠାଇ ରାସ୍ତା ଓ ପୋଲ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।

# ବିଦ୍ୟାଳୟରେ ରାତ୍ରି ଜଗୁଆଳୀ ନିଯୁକ୍ତିରେ ଅନିୟମିତତାକୁ ନେଇ ଉପଜିଲ୍ଲାପାଳଙ୍କଠାରେ ଜିଲ୍ଲାପରିଷଦଙ୍କ ଅଭିଯୋଗ



ବୈଶିଙ୍ଗା , ୩/୯ (ନି.ପ୍ର): ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ଆଠ ମାସ ତଳେ ଜନୈକ ୬୫ ବର୍ଷୀୟ ବୃଦ୍ଧଙ୍କୁ ରାତ୍ରୀ ଜଗୁଆଳି ନିଯୁକ୍ତି କୁ ନେଇ ଗ୍ରାମବାସୀ ଙ୍କ ଅଭିଯୋଗ ପାଇ ଜିଲ୍ଲାପରିଷଦ ସଭ୍ୟା ସବିତା ଦାସ ସଦର ଉପଜିଲ୍ଲାପାଳଙ୍କ ଗୋଚରାର୍ଥେ ଜଣାଇଛନ୍ତି । ଗ୍ରାମବାସୀ ଅଭିଯୋଗ ରେ ଜଣାଇଛନ୍ତି ଯେ ଏହି ନିଯୁକ୍ତି ପାଇଁ ସରକାରଙ୍କ କୌଣସି ଗାଇଡ ଲାଇନ କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରକ୍ଷା କରି ନହାନ୍ତି । ଏଥ ସହିତ ରମାକାନ୍ତ ଗିରି ନାମକ ବୃଦ୍ଧ ବ୍ୟକ୍ତି ଜଗୁଆଳୀ ପଦବୀ ପାଇବା ପରେ ଠିକ୍ ଭାବରେ କାର୍ଯ୍ୟ କରୁନାହାନ୍ତି କିମ୍ବା ପ୍ରତିଦିନ ରାତିରେ ଜଗିବାକୁ ଆସୁନାହାନ୍ତି । ଏଣୁ ତାଙ୍କୁ ହଟାଯାଉ ଏବଂ ନୂତନ ନିଯୁକ୍ତି ପ୍ରକ୍ରିୟା ଜରିଆରେ ନୂଆ ଜଗୁଆଳୀ ପଦବୀ ପୂରଣ କରାଯାଉ ବୋଲି ଜିଲ୍ଲାପରିଷଦ ସଭ୍ୟା ଉପଜିଲ୍ଲାପାଳ ଙ୍କୁ ଅଭିଯୋଗ ରେ ଦର୍ଶାଇଛନ୍ତି । ଉପଜିଲ୍ଲାପାଳ ଏହି ଅଭିଯୋଗ ପାଇବା ପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବିଡିଓ ଙ୍କୁ ଦାୟିତ୍ୱ ଦେଇଥିବା କହିଛନ୍ତି । ଏହି ଅଭିଯୋଗ ପାଇବା ପରେ ବିଦ୍ୟାଳୟର ଭାରପାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରାଙ୍କୁ ଯୋଗା ଯୋଗ କରିବାରେ ସେ କହିଲେ ‘ ସେତେବେଳେ ସମସ୍ତ ନିୟମ କାନୁନ ପାଳନ କରି ତାଙ୍କୁ ନିଯୁକ୍ତି ଦିଆ ଯାଇଥିଲା, ତଥାପି ଯଦି ଗ୍ରାମବାସୀ ଅସନ୍ତୁଷ୍ଟ ଅଛନ୍ତି, ତେବେ ନୂଆ ପରିଚାଳନା କମିଟି ଏବେ ଗଠନ ହୋଇଛି । ପରବର୍ତ୍ତୀ ବୈଠକରେ ସିଦ୍ଧାନ୍ତ ଅନୁଯାଇ ଏହାର ସମାଧାନ କରାଯିବ’ ।

# ବସ୍ତା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଚୟନ




ବସ୍ତା, ୩/୯ (ନି.ପ୍ର): ବସ୍ତା ବରିଷ୍ଠ ନାଗରିକମଞ୍ଚ ପକ୍ଷରୁ ଆଜି ଅପରାହ୍ନରେ ଏକ ଜରୁରୀ ବୈଠକ ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଅଛି ।ଶିକ୍ଷାବିତ ଶ୍ରୀପତି ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ମଞ୍ଚର ସମ୍ପାଦକ କୁମୁଦରଞ୍ଜନଗିରି ମଞ୍ଚ ପରିଚାଳନା କରିଥିଲେ। ନାଗରିକ ମଞ୍ଚର ସଭାପତି ଜୟକୃଷ୍ଣଗିରିଙ୍କ ଦେହାନ୍ତ ପରେ ସେହି ସଭାପତି ପଦକୁ ସର୍ବ ସମ୍ମତିକ୍ରମେ ଶ୍ରୀପତି ଚରଣ ପାତ୍ରଙ୍କୁ ମନୋନିତ କରାଯାଇଅଛି । ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଶ୍ୟାମାପ୍ରଦା ବେହେରା ବସ୍ତା (ସି ଏଇଚ ସି) ଡାକ୍ତର ଖାନାର ସମସ୍ୟା ନେଇ ଆଲୋଚନା ପରେ ଆସନ୍ତା ୨୧ତାରିଖରେ ବାଲେଶ୍ୱର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଜିବ ବୋଲି ସିଧ୍ୟାନ୍ତ ନିଆଯାଇଥିଲା । ଶିକ୍ଷାବିତ ଗଗନ ବିହାରି ଜେନା, ରତ୍ନାକର ପଣ୍ଡା, ସମାଜସେବୀ ପ୍ରାଣକୃଷ୍ଣବାଗ, ବିଜୟ କୃଷ୍ଣ ପ୍ରମାଣିକ, ବିଶ୍ୱନାଥ ସେଠୀ, ରଜନୀକାନ୍ତ ବାରିକ, ଜଗନ୍ନାଥ ମାଝୀ, ସନତ୍ କୁମାର ଦେ ପ୍ରମୂଖ ଉପସ୍ଥିତ ରହି ଥିବା ବେଳେ ଚିତ୍ତରଞ୍ଜନ ରାଉଳ ଧନ୍ୟବାଦ ଜଣାଇଁ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

# ଗୋଟିଏ ପରିବାରର ମାତା ଓ କନ୍ୟା ଖାଦ୍ୟ ସୁରକ୍ଷାରୁ ବଂଚିତ ଅଭିଯୋଗ

ଉଦଳା , ୩/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୩(ନାଗପାଳ)ରେ ବସବାସ କରୁଥିବା ରଘୁନାଥ ସିଂଙ୍କ ସହଧର୍ମିଣୀ ଡୁମୁନି ମାର୍ଣ୍ଡି ଓ ତାଙ୍କର ୮ବର୍ଷ ବୟସର କନ୍ୟା ସୁଖ ସିଂ ଉଭୟେ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ଉକ୍ତ ୨ ସଦସ୍ୟା ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସେମାନେ କହିଛନ୍ତି । ସରକରୀ ବାବୁ ମାନଙ୍କ ନିକଟରେ ଏ ବାବଦରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ୯ଲକ୍ଷ ୫୯ହଜାର ଟଙ୍କା ହଡପ ଅଭିଯୋଗରେ ପୂର୍ବତନ ପିଇଓ ଏବଂ ପୂର୍ବତନ ସରପଞ୍ଚ ଗିରଫ

ବାଲେଶ୍ୱର , ୩/୯ (ନି.ପ୍ର): ସଦର ବ୍ଲକର ପଞ୍ଚୁ ପଡା ପଞ୍ଚାୟତ ର ସରକାରୀ ଅର୍ଥ ମିଳି ମିଶି ଚଳୁ କରିଥିବା ଅଭିଯୋଗ ରେ ଆଜି ବାଲେଶ୍ୱର ଦୁର୍ନୀତି ନିବାରଣ ଥାନା ଜଣେ ପୂର୍ବତନ ପି ଇ ଓ ଓ ଜଣେ ପୂର୍ବତନ ସରପଞ୍ଚଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୯ଲକ୍ଷ ୫୯ହଜାର ୮୭୫ଟଙ୍କା ର ସରକାରୀ ଅର୍ଥ କୁ ପଞ୍ଚୁପଡା ର ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଓ ପୂର୍ବତନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀସଞ୍ଜୟ କୁମାର ପଣ୍ଡିତ ମିଥ୍ୟା ବିଲ କରି ଚଳୁ କରିଦେଇଥିବାର ଅଭିଯୋଗ ହୋଇଥିଲା। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଅଭିଯୋଗ ଉପରେ ତଦନ୍ତ କରି ପ୍ରମାଣ ମିଳିବା ପରେ ଗିରଫ କରି ଆଜି ଭିଜିଲାନସ ସ୍ୱତନ୍ତ୍ର ଅଦାଲତ ରେ ହାଜର କରିଛନ୍ତି।

# ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଏସଡିପିଓଙ୍କୁ ଦାବିପତ୍ର ପ୍ରଦାନ

ବସ୍ତା, ୩/୯ (ନି.ପ୍ର): ଗତ ୫ଦିନ ପୂର୍ବରୁ ରୂପସାଥାନା ପରିସରରେ କାର୍ଯ୍ୟରତ ଦୁଇଜଣ ସାମ୍ବାଦିକ ଇଲେକ୍ଟ୍ରୀ ବିଭାଗର ଜେଇ ସୁଜିତ ଭଟାଚାର୍ଯ୍ୟଙ୍କୁ ପଷ୍ଟିକରଣ ମାଗୁଥିବା ବେଳେ ତାଙ୍କ ସିକ୍ୟୁଟି ଗାଡ ଅମରେଶ ପାଣିଗ୍ରାହୀ ହଠାତ ନିଜକୁଅବସରପ୍ରାପ୍ତ ଆଡିସନାଲ ଏସପି କହି ଦୁଇ ସାମ୍ବାଦିକ ଙ୍କୁ ଧକ୍କା ମାରି ସେମାନଙ୍କର ମୋବାଇଲ ଓ ବୋମ ଛଡାଇ ନେଇଥିଲେ । ଏନେଇ ରୂପସା ଥାନାରେ କେସନଂ ୧୪୯।୨୬ମୂଳେ ମାମଲା ରୁଜୁ ହୋଇଥିଲା । ମାତ୍ର ୫ଦିନ ବିତିଯାଇଥିଲେମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ଚୁପ ହୋଇ ବସିଛନ୍ତି । ଏନେଇ ଆଜି ବସ୍ତା ପ୍ରେସକ୍ଲବ ପକ୍ଷରୁ ଏକ ଦାବୀପତ୍ର ଏସଡିପିଓ ସମର୍ଥ ବେହେରାଙ୍କୁ ପ୍ରଦାନକରାଯାଇଛି । କ୍ଲବର ସଭାପତି ବିଜୟକୁମାର ଭୂୟାଁ, ଉପସଭାପତି ଶିରିସ ଚନ୍ଦ୍ର ମହାନ୍ତି, ସମ୍ପାଦକ ଜଗତଗିରି, ବସନ୍ତ ଭଦ୍ର, ସୁଶାନ୍ତ ପ୍ରଧାନ, ଚାନସିଲର ରାଉତ, ସନ୍ତୋଷ କୁମାର ନାୟକ, ଏସ କେ ଆଜାର ଉଦ୍ଦିନ, ରବିନାରାୟଣ ସାହୁ , ଦେବସେନା ସଂଗଠ ଜିଲ୍ଲା ସଭାପତି ଶ୍ରୀମାନ ଶଙ୍କର ଜେନା, ସମାଜସେବୀ ବାବୁ ପାଣି, ଉପସ୍ଥିତ ଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ବାରିପଦା ପୌରପାଳିକା ପକ୍ଷରୁ ମେଗା ରକ୍ତଦାନ ଶିବିର: ସଂଗୃହୀତ ହେଲା ରେକର୍ଡ଼ ସଂଖ୍ୟକ ୭୧୬ ୟୁନିଟ ରକ୍ତ



ବାରିପଦା , ୩/୯ (ନି.ପ୍ର): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି ବାରିପଦା ପୌରପାଳିକା। ଆଜି ପୌରପାଳିକା ତରଫରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ପୌରପାଳିକା କଲ୍ୟାଣ ମଣ୍ଡପ, ରୋଟାରୀ କ୍ଲବ ଓ ମୟୂରଭଂଜ ଏଥେଲେଟିକ ଆସୋସିଏସନ ସଭା ଗୃହରେ ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଭାବେ ବାରିପଦା ତହସିଲଦାର ସପନ ସାହୁ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ପାଇଁ ବାରିପଦା ତହସିଲଦାର ସପନ ସାହୁ ନିଜେ ଶିବିରରେ ରକ୍ତଦାନ କରିଥିଲେ. ଶିବିରରେ ମୋଟ ୭୧୬ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଯାହାକି ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ ର ମାନ୍ୟତା ଲାଭ କରିଛି। ସେଥି ମଧ୍ୟରେ ୫୫ଜଣ ମହିଳା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ବାରିପଦା ପୌରପାଳିକା ଚଳିତ ପରିଷଦ ୨୦୨୨ରୁ କାର୍ଯ୍ୟଭାର ଗ୍ରହଣ କରିବା ପରେ ରକ୍ତ ଅଭାବ ଜନିତ ସମସ୍ୟାକୁ ଦୁରୀଭୂତ କରିବା ପାଇଁ ମହତ ଉଦ୍ଦେଶ୍ୟ ନେଇ ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇ ଆସୁଛି. ୨୦୨୨ ମସିହାରେ ୩୨୩, ୨୦୨୩ ମସିହାରେ ୪୦୩, ୨୦୨୪ ମସିହାରେ ୪୬୩, ୨୦୨୫ ମସିହାରେ ୬୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଏଥର ୨୦୨୬ ମସିହାରେ ୭୧୬ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟସ୍ତରରେ ବାରିପଦା ପୌରପାଳିକା ଇତିହାସ ସୃଷ୍ଟି କରିଛି। ସ୍ୱେଚ୍ଛାକୃତ ଭାବେ ଦୁଇଟି ପରିବାର ଲୋକେ ଶିବିରରେ ରକ୍ତଦାନ କରିଛନ୍ତି। ଶାଶୁ ତଥା ୱାର୍ଡ଼ କାଉନସିଲର ଅମ୍ବିକା ସାହୁ ଓ ତାଙ୍କ ଜ୍ୱାଇଁ ଅନିମେଷ ମଢୁଆଳ ଏବଂ ଅନ୍ୟ ଏକ ପରିବାରର ବାପା ଦିବାକର ସ୍ୱାଇଁ, ବୋହୂ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୁଅ ପ୍ରଦୀପ କୁମାର ସ୍ୱାଇଁ ରକ୍ତଦାନ କରିଛନ୍ତି। ରେଡକ୍ରସ ପକ୍ଷରୁ ଆଜୀବନ ସଦସ୍ୟ ଅମର ସେଠୀ, ବାରିପଦା ରକ୍ତ ଭଣ୍ଡାର ଏବଂ ଉଦଳା ରକ୍ତ ଭଣ୍ଡାର କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ. ରକ୍ତଦାନ ଶିବିରରେ ଉପ ନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ପରବର୍ତ୍ତୀ ଯତ୍ନ କାର୍ଯ୍ୟକ୍ରମ ଜରିଆରେ ଶିଶୁ ଯତ୍ନ ଅନୁଷ୍ଠାନର ୬ ଜଣ ଅନ୍ତେବାସୀଙ୍କୁ ନିଯୁକ୍ତି

ଭଦ୍ରକ, ୩/୯ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନର ଉଦ୍ୟମ ତଥା ପରବର୍ତ୍ତୀ ଯତ୍ନ କାର୍ଯ୍ୟକ୍ରମ ଜରିଆରେ ଶିଶୁ ଯତ୍ନ ଅନୁଷ୍ଠାନରୁ ବାହାରିଥିବା ୬ ଜଣ ଅନ୍ତେବାସୀ ନିଯୁକ୍ତି ପାଇଛନ୍ତି। ଏହି ଉପଲକ୍ଷେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିଯୁକ୍ତି ପାଇଥିବା ଅନ୍ତେବାସୀମାନଙ୍କ ମଧ୍ୟରୁ ବିକାଶ ଧଳ, ରାହୁଲ ବର୍ମା ଓ ରୁଦ୍ର ନାରାୟଣ ରାଉତ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ଥିଲେ। ସେହିପରି ବିଶ୍ୱ ରଞ୍ଜନ ପଣ୍ଡା, ଅଲେଖ ଚନ୍ଦ୍ର ଦାସ ଓ ଅଚ୍ୟୁତାନନ୍ଦ ଦାସ କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମର ଅନ୍ତେବାସୀ ଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସମୟରେ ଏହି ଶିଶୁମାନେ ଭଦ୍ରକସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ଶିଳ୍ପ ତାଲିମ କେନ୍ଦ୍ର ଏବଂ ଧାମନଗରସ୍ଥିତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ଫିଟର ଓ ଇଲେକ୍ଟ୍ରିସିଆନ ବିଭାଗରେ ଦୁଇ ବର୍ଷିଆ ଶିଳ୍ପ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ କରିବା ପରେ ସେମାନେ ବାଙ୍ଗାଲୋରସ୍ଥିତ ଘରୋଇ କମ୍ପାନୀ ଟିଂବିଆ ଗ୍ରୀନ୍ ଏନର୍ଜିରେ ନିଯୁକ୍ତି ସୁଯୋଗ ପାଇଛନ୍ତି।ପରବର୍ତ୍ତୀ ଯତ୍ନ ସେବା କ୍ଷେତ୍ରରେ କାର୍ଯ୍ୟରତ ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସି.ୱାଇ.ଏସ୍.ଡି. ପକ୍ଷରୁ ମଧ୍ୟ ଏହି ଶିଶୁମାନଙ୍କୁ ନିଯୁକ୍ତି ପାଇବାରେ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ଆଜି ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ନିଯୁକ୍ତି ପାଇଥିବା ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ସେ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଭଦ୍ରକ ପକ୍ଷରୁ ମଧ ନିଯୁକ୍ତି ପାଇଥିବା ଶିଶୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କୁମାର କର, ସୁବାଶ ଚନ୍ଦ୍ର ଦେବତା ଓ ଲଳିତା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ?ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡାଙ୍କ ସମେତ ବିଭାଗୀୟ କର୍ମଚାରୀ, ସି.ୱାଇ.ଏସ୍.ଡି.ର ଧନଞ୍ଜୟ କର, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଏବଂ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ସସ୍ମିତା ନାୟକ, ଆକାଶ ଚନ୍ଦ୍ର ପୃଷ୍ଟି, ତଥାଗତ ଜେନା, ଚନ୍ଦନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida